## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର



ବ୍ରହ୍ମପୁର, ୯ ।୪(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଦ୍ୱାରା ଓଡିଆ ପକ୍ଷ ପାଳନ ଅବସରରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗଦେଇ ଏହାର ଉଦ୍‌ଘାଟନ କରିବା ସହ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ଜାତୀୟ ସେବା ଯୋଜନାର ସଂଯୋଜକ ଡ଼. ଜୟନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନା ପିଜିର କାର୍ଯ୍ୟକ୍ରମ ଅଧିକାରୀ ଡ଼. ଶଙ୍କର୍ଷଣ ମଲିକ, ଡ଼. ଚନ୍ଦ୍ରିକା ପ୍ରସାଦ ଦାସ ଏବଂ ଡ. କବିତା ବରାଳ ପରିଚାଳନା କରିଥିବା ବେଳେ ସ୍ୱେଚ୍ଛାସେବୀମାନେ ସାତଦିନ ଧରି ହଷ୍ଟେଲ ଓ ବିଭାଗ ବୁଲି ରକ୍ତଦାନ ପାଇଁ ପଞ୍ଜୀକୃତ କରିଥିଲେ। ବ୍ରହ୍ମପୁର ମେଡିକାଲ ପକ୍ଷରୁ ସୁଶାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଟିମ୍ ଉପସ୍ଥିତ ରହି ମୋଟ ୮୦ ୟୁନିଟ ରକ୍ତ ସଂଗୃହୀତ କରିଥିଲେ। ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ଓ ମୋମେଣ୍ଟୋ ପ୍ରଦାନ କରିଥଲେ।

### ଶିବା ହତ୍ୟା ଘଟଣା: ସାକ୍ଷୀଙ୍କୁ ସୁରକ୍ଷା ଦେବାରେ ପୁଲିସ ବିଫଳ

# ଭିଟାମାଟି ଛାଡ଼ିଲେ ମୃତକଙ୍କ ପରିବାର ବର୍ଗ

ବ୍ରହ୍ମପୁର, ୯ ।୪(ସମିସ)

ଶିବା ହତ୍ୟାକାଣ୍ଡ ଘଟଣାରେ ଆସିଛି ଭିନ୍ନମୋଡ଼। ଦୋଛକିରେ ମୃତ ଶିବାଙ୍କ ପରିବାର। ଭେଣ୍ଡା ପୁଅର ହତ୍ୟାକାଣ୍ଡ ସମ୍ପର୍କରେ ସାକ୍ଷ୍ୟ ଦେବେ ଅଥବା ନାହିଁ ସେନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି ସମଗ୍ର ପରିବାର। କାରଣ ଅଭିଯୁକ୍ତଙ୍କ ପକ୍ଷରୁ ସାକ୍ଷ୍ୟ ନଦେଇ ମାମଲାକୁ ରଫାଦଫା କରିବାକୁ ଧମକ ମିଳୁଥିବା ବେଳେ ମୃତ ଶିବାଙ୍କ ସହଯୋଗୀ ତଥା ବନ୍ଧୁଙ୍କ ପକ୍ଷରୁ ସାକ୍ଷ୍ୟ ଦେଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ନେଇ କୁହାଯାଉଛି। ଇତି ମଧ୍ୟରେ ମଙ୍ଗଳବାର ଭୟଭୀତ ଶିବାଙ୍କ ପରିବାରର ମୁରବୀ ତଥା ଶିବାଙ୍କ ବାପା ରାମକୃଷ୍ଣ ଚୌଧୁରୀ ଚାପରେ ପଡ଼ି ସାକ୍ଷ୍ୟ କାଟି ଦେଇଥିବା ସୂଚନା ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ଶିବାଙ୍କ ସମର୍ଥକ ତଥା ସହଯୋଗୀମାନେ ଶିବାଙ୍କ ପରିବାର ଉପରେ ପୁଣି ଚାପ ସୃଷ୍ଟି କରିଛନ୍ତି। ଏପରିକି ସେମାନଙ୍କୁ ସୁରକ୍ଷା ଦେବାକୁ ଯାଇ ଶିବାଙ୍କ ମା' ପ୍ରଫୁଲ୍ଲ ଚୌଧୁରୀଙ୍କୁ ଅପହରଣର ନାଟକ କରିଥିଲେ। ଅବଶ୍ୟ ପରବର୍ତ୍ତି ସମୟରେ ତାଙ୍କୁ ଛାଡ଼ି ଦେଇଥିଲେ। ଏଭଳି ସ୍ଥିତିରେ ଦୋଛକିରେ ପଡ଼ିଯାଇଛନ୍ତି ମୃତ ଶିବାଙ୍କ ପରିବାର। 'ଆପେ ବଞ୍ଚିଲେ ବାପ ନା' ନ୍ୟାୟରେ ମୃତ ଶିବାଙ୍କ ପରିବାର ବର୍ଗ ସମସ୍ତେ ଲାଞ୍ଜିଆ ଗ୍ରାମର ବ୍ରାହ୍ମଣ ସାହିରେ ଥିବା ନିଜସ୍ୱ ଭିଟାମାଟି ତଥା ପୈତୃକ ଘରକୁ ତାଲା ପକାଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଶିବା ହତ୍ୟା ମାମଲାରେ ତାଙ୍କ ପରିବାରର ଅନ୍ୟ ୩ଜଣଙ୍କ ସାକ୍ଷ୍ୟ ପ୍ରଦାନ କରିବାକୁ ଥିବାବେଳେ ସମଗ୍ର ପରିବାର ଭୟର ବାତାବରଣ ଭିତରେ ଜୀବନ ବିତାଉଥିବା ଜଣାପଡ଼ିଛି।

ପରିସ୍ଥିତି ଏଭଳି ହୋଇଛି ଯେ, ସେମାନେ ସହରରେ କେଉଁଠି ରହୁଛନ୍ତି ତାହା ମଧ୍ୟ ସମ୍ପୂର୍ଣ୍ଣ ଗୋପନ ରଖିବାକୁ ବାଧ ହୋଇଛନ୍ତି। ଏଭଳି ସ୍ଥିତିରେ ଏକ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣାରେ ସାକ୍ଷ୍ୟଙ୍କୁ ଧମକ ମିଳୁଥିବା ବେଳେ ସେମାନଙ୍କୁ ସୁରକ୍ଷା ଦେବାରେ ପୁଲିସ ବିଫଳ ହୋଇଥିବା ନେଇ ଆଲୋଚନା ହେଉଛି।

ପ୍ରକାଶ ଯୋଗ୍ୟ ଯେ' ଗତ ସେପ୍ଟେମ୍ବର ୧୬ତାରିଖରେ ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମର ଶିବାଶିଷ ଚୌଧୁରୀ ଓରଫ ଶିବାଙ୍କୁ ହତ୍ୟା କରି ଡେଙ୍ଗାପଦର ବଜାର ଛକ ନିକଟସ୍ଥ ପୋଖରୀରେ ଫୋପାଡ଼ି ଦିଆଯାଇଥିଲା। କୋର୍ଟରେ ଏହି ହତ୍ୟାକାଣ୍ଡ ମାମଲାର ସାକ୍ଷ୍ୟ ଗ୍ରହଣ ଜାରି ରହିଛି। ଶିବା ହତ୍ୟାକାଣ୍ଡ ଘଟଣାରେ ପୂର୍ବରୁ ଦକ୍ଷିଣପୁର ଗ୍ରାମର ଦୁର୍ଦ୍ଧାନ୍ତ ଅପରାଧୀ ସନ୍ତୋଷ ଗୌଡ଼, ଆସିକା ରୋଡ଼ ସୀତାରାମ ସାହିର ଅମିତ ଗୌଡ଼ ଓ ପାଣିଗ୍ରାହୀପେଣ୍ଠ ସାହି ଆନନ୍ଦ ନଗରର କାହ୍ନା ସେଠୀ, ଲାଞ୍ଜିଆ ଗ୍ରାମର ସନ୍ତୋଷ ଗୌଡ଼ ଓରଫ ବାବୁ, ସୁକାନ୍ତ ନାୟକ ଓ ତାଙ୍କ ସାନଭାଇ ଶିବା ନାୟକ ଓ ଦକ୍ଷିଣପୁରର ରାମକୃଷ୍ଣ ନାହାକ ଓରଫ ବୁଲୁ ଗିରଫ ହୋଇଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟକିଛି ଅଭିଯୁକ୍ତ ବାହାରେ ବୁଲୁଥିବା ବେଳେ ସାକ୍ଷୀଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଘଟଣାରେ ପୁଲିସ ଅଧିକ ସକ୍ରିୟ ହୋଇ ସାକ୍ଷୀଙ୍କୁ ସୁରକ୍ଷା ଦେବାକୁ ଦାବି ହୋଇଛି।

### ଚତୁର୍ଥ ସନ୍ଧ୍ୟାରେ ରେଶମ ସହର ମହୋତ୍ସବ

# ୫୦ କୋଟିରେ ବ୍ରହ୍ମପୁରରେ ହେବ ଫୁଡ୍ ପ୍ରୋସେସିଂ ୟୁନିଟ







ବ୍ରହ୍ମପୁର, ୯ ।୪(ସମିସ)

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ରେଶମ ସହର ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା ଚତୁର୍ଥ ସନ୍ଧ୍ୟାରେ ପହଞ୍ଚିଛି। ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁର ସହର ପାଖରେ ୫୦କୋଟି ଟଙ୍କା ବ୍ୟୟରେ ଏକ ଫୁଡ୍ ପ୍ରୋସେସିଂ ପାର୍କ ଓ ପାଖାପାଖି ୫୦୦କୋଟି ଟଙ୍କା ବ୍ୟୟରେ ଗୋପାଳପୁର ଠାରେ ସ୍ମାର୍ଟ ହାର୍ବର ନିର୍ମାଣ ପାଇଁ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି, ଯାହାଦ୍ୱାରା ହଜାର ହଜାର ସ୍ଥାନୀୟ ଯୁବକ/ଯୁବତୀ ନିଯୁକ୍ତି ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ। ସେହିପରି ଗଞ୍ଜାମ ଜିଲ୍ଲା ଅଣ୍ଡା ଓ ଦୁଧ ଉତ୍ପାଦନରେ ଆତ୍ମନିର୍ଭର ହୋଇପାରିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଏ. ସସ୍ୟା ରେଡ୍ଡୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଓ ସ୍ୱଦେଶୀ ଜାଗରଣ ମଞ୍ଚ ଜିଲ୍ଲା ଯୁଗ୍ମ ସମନ୍ୱୟକ ବିଜୟ କୁମାର ପ୍ରଧାନ ଯୋଗ ଦେଇଥିଲେ।

### ଦୀପ୍ତିରେଖାଙ୍କ ଗୀତରେ ଝୁମିଲେ ଦର୍ଶକ

ମହୋତ୍ସବର ଚତୁର୍ଥ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଏବଂ ସହଯୋଗୀଙ୍କ ସୁମଧୁର ସଂଗୀତ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ରହିଥିବା ବେଳେ ତାଙ୍କର ବିଭିନ୍ନ ସଂଗୀତରେ ଦର୍ଶକ ଝୁମିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ନିଜ ନୃତ୍ୟ ପରିବେଷଣ କରିଥିଲେ।

## ଅଚେତ ଟ୍ରେନ୍ ଯାତ୍ରୀଙ୍କ ମୃତ୍ୟୁ

ବ୍ରହ୍ମପୁର, ୯।୪(ସମିସ): ଟ୍ରେନରୁ ଅଚେତ ଅବସ୍ଥାରେ ଉଦ୍ଧାର ହୋଇଥିବା ଜଣେ ଯାତ୍ରୀଙ୍କ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତକ ଝାଡ଼ଖଣ୍ଡର କୁନୱା କୋହରା(୪୨)। ସରକାରୀ ରେଳବାଇ ପୁଲିସ ଗୁରୁବାର ମୃତଦେହ ଜବତ କରି ନଂ.୧୯/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଛେଦ ପରେ ତାଙ୍କ ପୁଅ ରଞ୍ଜନ କୋହରଙ୍କୁ ହସ୍ତାନ୍ତର କରାଯାଇଛି। ବୁଧବାର ରାତିରେ ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ରଞ୍ଜନଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଥିଲା। ପ୍ରକାଶ ଯେ, ଝାଡ଼ଖଣ୍ଡର କୁନୱା କୋହରା ତାଙ୍କ ପୁଅ ଓ ଗ୍ରାମର କିଛି ଲୋକ କୌଣସି କାମରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଆସିଥିଲେ। ବୁଧବାର ଭାସ୍କୋଡାଗାମା-ଶାଲିମାର ଟ୍ରେନରେ ଭୁବନେଶ୍ୱର ଫେରୁଥିବାବେଳେ କୁନୱାଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ଇଛାପୁର ନିକଟରେ ସେ ଅଚେତ ହୋଇପଡ଼ିଥିଲେ। ପରେ ଉକ୍ତ ଟ୍ରେନଟି ବ୍ରହ୍ମପୁର ରେଳଷ୍ଟେସନରେ ବୁଧବାର ସନ୍ଧ୍ୟାରେ ପହଞ୍ଚିଥିଲା। ଅଚେତ ଯାତ୍ରୀଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପୁଲିସ କହିଛି।

## ରଶି ଲଗାଇ ନାବାଳକର ଆତ୍ମହତ୍ୟା

ବ୍ରହ୍ମପୁର, ୯ ।୪(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ପଥରା ଗ୍ରାମରେ ରଶି ଲଗାଇ ଜଣେ ନାବାଳକ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ମୃତକ ଚିନ୍ମୟ ଜେନା (୧୫) ବୋଲି ପୁଲିସ କହିଛି। ସୂଚନାପ୍ରକାରେ, ପଥରା ଗ୍ରାମରେ ରହୁଥିବା ପ୍ରଫୁଲ୍ଲ କୁମାର ଜେନାଙ୍କ ପୁଅ ଚିନ୍ମୟ ଗତକାଲି ପାଠପଢ଼ାକୁ କେନ୍ଦ୍ରକରି ଘରେ ପାଟିତୁଣ୍ଡ ପରେ ରୁମ୍‌କୁ ଶୋଇବାକୁ ଯାଇଥିଲା। ଆଜି ଭୋରରୁ ଶୋଇବା ଘରେ ତାଙ୍କ ମୃତଦେହ ଝୁଲୁଥିବା ବାପା ଝରକା ପଟେ ଦେଖିଥିଲେ। ପରେ ତାକୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲ ନେଇଥିଲେ ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବାପା ପ୍ରଫୁଲ୍ଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ମାମଲା ରୁଜୁ କରି ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଚୋରି ମାମଲାରେ ଜଣେ ଗିରଫ

ବ୍ରହ୍ମପୁର, ୯।୪(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଡିଫେନ୍ସ କଲୋନୀ ଏକ ତାଲା ବନ୍ଦ ଘରୁ ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଓ ଗ୍ୟାସ ହାଣ୍ଡି, ଟଙ୍କା ଲୁଟି ନେଇଥିବା ମାମଲାରେ ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରଦୀପ ନାୟକ। ଡିଫେନ୍ସ କଲୋନୀରେ ରହୁଥିବା ସିଏଚ୍ କମଳା କୌଣସି କାମରେ ବାହାରକୁ ଯାଇ ଗତ ୩ ତାରିଖ ସକାଳେ ଫେରି ଦେଖିବା ବେଳକୁ ମୁଖ୍ୟ ଫାଟକର ତାଲା ଭାଙ୍ଗି ଖୋଲାଥିଲା। ଦୁର୍ବୃତ୍ତ ଘରେ ପଶି ୨ତୋଲାର ସୁନାହାର ଓ ୧୦ ହଜାର ଟଙ୍କା ସହ ୨ଟି ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଆଜି ଅଭିଯୁକ୍ତ ପ୍ରଦୀପକୁ ଗୋପାଳପୁର ସାଇବାବା ସାହିରୁ କାବୁ କରିବା ସହ ୨ଟି ଗ୍ୟାସ ସିଲିଣ୍ଡର ଓ ୪ ହଜାର ଟଙ୍କା, ଏକ ସ୍କୁଟି ଜବତ କରି କୋର୍ଟ ଚାଲାଣ କରିଛି।

### ରାଜସ୍ୱ ଆଦାୟ ପାଇଁ କଠୋର ହେଲା ବିଏମ୍‌ସି

# ଖିଲାପି ଲିଜ୍‌ଧାରୀଙ୍କୁ ୨୪ ଘଣ୍ଟାର ମହଲତ

ବ୍ରହ୍ମପୁର, ୯ ।୪(ସମିସ)

ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ନିଜସ୍ୱ ଦୋକାନ ବା ଷ୍ଟଲର ଭଡ଼ା ବାବଦରେ ବିଏମ୍‌ସି ଶତକଡ଼ା ୩୬ ପ୍ରତିଶତ ଅଧିକ ରାଜସ୍ୱ ସଂଗ୍ରହ କରିଛି। ତେବେ ଏହାସତ୍ତ୍ୱେ ଦୋକାନୀଙ୍କ ଠାରୁ ବକେୟା ପ୍ରାୟ ୧କୋଟି ୭୬ଲକ୍ଷ ଟଙ୍କା ଆଦାୟ ହେବାକୁ ବାକି ଅଛି। ଚଳିତ ଆର୍ଥିକ ବର୍ଷରେ ବିଏମସି ୨.୫କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଏଥିରେ ବାଧକ ସାଜିଛନ୍ତି ଖିଲାପି ଲିଜଧାରୀ। ନିଗମରେ ମୋଟ ୮୬୮ଟି ଦୋକାନ ଘର ବା ଷ୍ଟଲ ରହିଥିବା ବେଳେ ସେଥିମଧ୍ୟରୁ ୪୪୩ଜଣ ଖିଲାପିଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ଠାରୁ କିଭଳି ନିର୍ଦ୍ଧାରିତ ସମୟ ମଧ୍ୟରେ ବକେୟା ରାଜସ୍ୱ ଆଦାୟ କରାଯାଇପାରିବ ସେଥିପାଇଁ କଠୋର ହୋଇଛି ବିଏମସି।


୨୦୨୪-୨୫ଆର୍ଥିକ ବର୍ଷରେ ନିଜସ୍ୱ ଦୋକାନ ବା ଷ୍ଟଲ ଭଡ଼ା ବାବଦରେ ମୋଟ ୧କୋଟି ୨୯ଲକ୍ଷ ୩୫ହଜାର ୪୯୫ ଟଙ୍କା ଆଦାୟ ହୋଇଥିଲା। ସେହିଭଳି ଚଳିତ ୨୦୨୫-୨୬ଆର୍ଥିକ ବର୍ଷରେ ଏହି ଅର୍ଥ ୧କୋଟି ୮୮ଲକ୍ଷ ୨୭ହଜାର ୯୦୭କୁ ବୃଦ୍ଧି ପାଇଛି। ଯାହା ଗତବର୍ଷ ତୁଳନାରେ ଶତକଡ଼ା ୩୬ ପ୍ରତିଶତ ବୃଦ୍ଧି ଘଟିଛି। ଟିକସ ଆଦାୟକାରୀ ବା ଟ୍ୟାକ୍ସ କଲେକ୍ଟରଙ୍କ ମାଧ୍ୟମରେ ଫି' ଆଦାୟ ପରିବର୍ତ୍ତେ ଅନଲାଇନରେ ଏଣିକି ଭଡ଼ା ଅର୍ଥ ଆଦାୟ କରିବାକୁ ନିଷ୍ପତି ନେଇ ପ୍ରାୟ ୫ଶହ ଦୋକାନୀ ବା ଲିଜ୍‌ଧାରୀଙ୍କୁ କ୍ୟୁଆର କୋଡ୍ ପ୍ରଦାନ କରାଯାଇଛି। ସେହିଭଳି ନିୟମିତ ତଥା ଭଡ଼ା ବାବଦ ଅର୍ଥ ପୈଠ କରିବାରେ ଅବହେଳା କରୁଥିବା ମୋଟ ୪୪୩ ଜଣ ଖିଲାପି ଦୋକାନୀ ବା ଲିଜଧାରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪୪ଜଣ ବଡ ଖିଲାପି ଥିବା ଜଣାପଡିଛି। ମୋଟ ଖିଲାପି ୪୪୩ ଜଣଙ୍କ ଉପରେ ବକେୟା ୮୭ଲକ୍ଷ ୭୮ହଜାର ୧୨୭୪ଟଙ୍କା ରହିଥିବା ବେଳେ ଚଳିତ ବର୍ଷର ଆଦାୟ ହୋଇନଥିବା ମୋଟ ପ୍ରାୟ ୮୮ଲକ୍ଷ ୪୮ହଜାର ୨୩୦ଟଙ୍କା ବକେୟା ଥିବା ଜଣାପଡିଛି। ଯାହା ମୋଟ ୧କୋଟି ୭୬ଲକ୍ଷ ଆଦାୟ ନହୋଇ ପଡ଼ିରହିଛି। ଖିଲାପି ଦୋକାନୀ ବା ଲିଜଧାରୀଙ୍କୁ ବିଏମସି ପକ୍ଷରୁ ୨୪ଘଣ୍ଟାର ମହଲତ ଦେବା ସହିତ ଆସନ୍ତା ଶୁକ୍ରବାର ୧୦ ତାରିଖ ସୁଦ୍ଧା ସମସ୍ତ ବକେୟା ଅର୍ଥ ପୈଠ କରିବାକୁ ଚେତାବନୀ ଦିଆଯାଇଛି। ଏଥିରେ ଖିଲାପ କଲେ ସମ୍ପୃକ୍ତ ଲିଜଧାରୀଙ୍କ ବିରୁଦ୍ଧରେ ଉଭୟ ଆଇନଗତ ଓ ଆର୍ଥିକ ଜରିମାନା ସହିତ ଲିଜକୁ ରଦ୍ଦ କରିବା ଭଳି ଚରମ ନିଷ୍ପତ୍ତି ନିଆଯିବ ବୋଲି ସ୍ପଷ୍ଟ କରାଯାଇଛି। ନିକଟରେ ବିଏମସିର ଟ୍ୟାକ୍ସ ଆଣ୍ଡ ଫାଇନାନ୍ସ ଷ୍ଟାଣ୍ଡିଂ କମିଟି ବୈଠକରେ ଆଲୋଚନା ବେଳେ ତଥ୍ୟ ପଦାକୁ ଆସିଥିଲା, ଯାହାକୁ ନେଇ କମିଟି ଅଧ୍ୟକ୍ଷ ଟି. କିଶୋର, ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଓ କମିଶନର ସୁଶ୍ରୀ ଏ. ଶସ୍ୟା ରେଡ୍ଡୀ ସମସ୍ତେ ଉଦବେଗ ପ୍ରକାଶ କରିଥିଲେ। ରାଜସ୍ୱ ଆଦାୟକୁ ଗୁରୁତ୍ୱ ଦେବା ସହ ଖିଲାପିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

**ଟାର୍ଗେଟ ୨.୫ କୋଟି ପାଇଁ ତତ୍ପରତା, ୪୪୩ ଖିଲାପି ଚିହ୍ନଟ**

**୫ଶହ ଲିଜ୍‌ଧାରୀଙ୍କୁ ଯୋଗାଇ ଦିଆଯାଇଛି କ୍ୟୁଆର୍ କୋଡ୍**

## ପଲାସା, ଇଚ୍ଛାପୁର ସେକ୍ସନ୍‌କୁ ବିଶାଖାପାଟଣା ଡିଭିଜନ୍‌ରେ ମିଶ୍ରଣ ଆଦେଶ ପ୍ରତ୍ୟାହାର ଦାବି


ବ୍ରହ୍ମପୁର, ୯ ।୪(ସମିସ): ପୂର୍ବତଟ ରେଳବାଇର ଖୋର୍ଦ୍ଧା ରୋଡ୍ ଡିଭିଜନରୁ ଦକ୍ଷିଣ ତଟ ରେଳବାଇ ବିଶାଖାପାଟଣା ଡିଭିଜନକୁ ପଲାସା-ଇଚ୍ଛାପୁରମ ରେଳ ସେକ୍ସନ ସ୍ଥାନାନ୍ତର କରିବା ପାଇଁ ରେଳ ବୋର୍ଡର ନିଷ୍ପତ୍ତିକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ପକ୍ଷରୁ ବିରୋଧ କରାଯାଇଛି। ଏନେଇ ବରିଷ୍ଠ କମ୍ୟୁନିଷ୍ଟ ନେତା ତଥା ସିପଏମର ରାଜ୍ୟ ସାଧାରଣ ସମ୍ପାଦକ ଅଳି କିଶୋର ପଟ୍ଟନାୟକ କହିଛନ୍ତି ଯେ, ଏହି ନିଷ୍ପତି ଓଡିଶାକୁ ଆର୍ଥିକ କ୍ଷତି ପହଞ୍ଚାଇବ। ଦକ୍ଷିଣ ଓଡ଼ିଶାର ଅର୍ଥନୀତି ସହିତ ଜଡିତ ଥିବା ଏହି ଦୁଇ ସେକ୍ସନ ଯାତ୍ରୀ ଏବଂ ମାଲ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ କରିଡର। ଆନ୍ଧ୍ର-ଭିତ୍ତିକ ଜୋନକୁ ନିୟନ୍ତ୍ରଣ ସ୍ଥାନାନ୍ତରିତ ହେବା ଦ୍ୱାରା ଓଡ଼ିଶା-କେନ୍ଦ୍ରିକ ବିକାଶ, ଭିତ୍ତିଭୂମି ଏବଂ ସୁବିଧା ପାଇଁ ପ୍ରାଥମିକତା ହ୍ରାସ ପାଇବ, ଯାହା ରାଜ୍ୟର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବ। ପୂର୍ବତଟ ରେଳପଥ କ୍ଷତି ସହିବା ସହ ଏହାର କ୍ଷେତ୍ରାଧିକାର ଏବଂ ରାଜସ୍ୱ ଆଧାରରେ ସଙ୍କୋଚନ ଅନୁଭବ କରିବ। ଯଦିଓ ଷ୍ଟେସନଗୁଡ଼ିକ ଭୌଗୋଳିକ ଭାବରେ ଶ୍ରୀକାକୁଲମ (ଆନ୍ଧ୍ରପ୍ରଦେଶ) ରେ ଅବସ୍ଥିତ। ଏହି ଅଂଶ ଦୀର୍ଘ ସମୟ ଧରି ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନରେ ଦକ୍ଷତାର ସହିତ କାର୍ଯ୍ୟ କରିଆସୁଛି। ଯଦି ଏହା ବିଶାଖାପାଟଣା ଡ଼ିଭିଜନରେ ଅନ୍ତର୍ଭୁକ୍ତ ହୁଏ ତେବେ, ଦକ୍ଷିଣ ଓଡ଼ିଶାକୁ ଲାଭଦାୟକ ପ୍ରକଳ୍ପ ପାଇଁ ନିଷ୍ପତ୍ତି ନେବାରେ ବିଳମ୍ବ ହେବ। ପରିବର୍ତ୍ତିତ ପ୍ରାଥମିକତା ଯୋଗୁଁ ବିଦ୍ୟମାନ ଟ୍ରେନ୍ ସେବା (ପଲାସା-ଭୁବନେଶ୍ୱର, ପଲାସା-କଟକ ମେମୁ) ସେବା ମଧ୍ୟ ପରୋକ୍ଷ ଭାବରେ କ୍ଷତିଗ୍ରସ୍ତ ହୋଇପାରେ। ଏଣୁ ଏହି ରେଳ ବୋର୍ଡର ଆଦେଶକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସିପିଏମ୍ ଦୃଢ଼ ଦାବି କରିଛି।




## ବିଭିନ୍ନ ଶିକ୍ଷାନୁଷ୍ଠାନରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ



ବ୍ରହ୍ମପୁର, ୯ ।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ 'ଆସ ବହିଟି କିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅୟୋଜିତ ଓଡ଼ିଆ ପକ୍ଷର ନବମ ଦିବସରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗଦେଇ ଉଦଘାଟନ କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗୀୟ ମୁଖ୍ୟ ଡ. ସମୀର ଭୋଇଙ୍କ ଆବାହନରେ ବିଶ୍ୱବିଦ୍ୟାଳୟ ସ୍ଥିତ ସ୍ନାତକୋତ୍ତର ପରିଷଦ କାର୍ଯ୍ୟାଳୟ ପ୍ରାଙ୍ଗଣ ଠାରେ ୩ଟି ପୁସ୍ତକ ବିକ୍ରୟ ସ୍ଥଳୀ ଖୋଲାଯାଇଥିଲା। କୁଳପତି, କୁଳସଚିବ,ପିଜି କାଉନସିଲ ଅଧ୍ୟକ୍ଷ, ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଗବେଷକ, ଗବେଷିକା ଓ ଶିକ୍ଷାର୍ଥୀ ସମସ୍ତେ ନିଜ ରୁଚି ଅନୁଯାୟୀ ଓଡ଼ିଆ ଭାଷା ଓ ସାହିତ୍ୟର ବିଭିନ୍ନ ପ୍ରକାର ମୂଲ୍ୟବାନ୍ ପୁସ୍ତକ କ୍ରୟ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ସେହିପରି ପୁରୁଣା ବ୍ରହ୍ମପୁର ସ୍ଥିତ ରାମାଧୀନ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ଼ଃ ହରିହର ଦାସଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ଼. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟ ବିଷୟ ଉପସ୍ଥାପକ ଭାବେ ଇତିହାସ ଗବେଷକ ଡ଼. ଅନନ୍ତରାମ କର କୌଣ୍ଡିନ୍ୟ ଯୋଗ ଦେଇ ବିଭିନ୍ନ ପ୍ରାଚୀନ ଗ୍ରନ୍ଥ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଡ଼. ସୂର୍ଯ୍ୟନାରାୟଣ ପଣ୍ଡା, ହରେକୃଷ୍ଣ ପଣ୍ଡା, ପଣ୍ଡିତ ଗୋପାଳକୃଷ୍ଣ ପାଢ଼ୀ, ସମାଜସେବୀ ରତ୍ନଗର୍ଭା ସରସ୍ୱତୀ ଦେବୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚରଣ ତ୍ରିପାଠୀ, ଡ଼. ପ୍ରଭୁ ଦାସ, ଅବସରପ୍ରାପ୍ତ ତହସିଲଦାର ଚନ୍ଦ୍ରଶେଖର ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ସହରର ମହିଳା ମାହାବିଦ୍ୟାଳୟ ସମେତ ବିଭିନ୍ନ ଅନୁଷ୍ଠାନରେ 'ଆସ ବହିଟି କିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



## ମଝିଆ ଭାଇ ଆକ୍ରମଣରେ ବଡ଼ ଓ ସାନ ଗୁରୁତର





ବୁଗୁଡା, ୯।୪(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ବାଦୁଆ ଗ୍ରାମରେ ଜମିବାଡି ବିବାଦକୁ ନେଇ ମଝିଆ ଭାଇର ମରଣାନ୍ତକ ଆକ୍ରମଣରେ ବଡ ଓ ସାନ ଭାଇ ଉଭୟେ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଗୁରୁତର ଦୁଇ ଜଣ ହେଲେ ବଡ ଭାଇ ଧୋବା ଗୌଡ (୫୭) ଓ ସାନ ଭାଇ ଦୁର୍ଯ୍ୟ ଗୌଡ (୫୦) ଏବଂ ଆକ୍ରମଣକାରୀ ମଝିଆ ଭାଇ ଜଣକ ହେଲେ ପଞ୍ଚୁ ଗୌଡ(୫୪)। ଘଟଣାରୁ ପ୍ରକାଶ ଯେ, ପୂର୍ବରୁ ଜମିବାଡିକୁ ନେଇ ତିନି ଭାଇଙ୍କ ମଧ୍ୟରେ ବିବାଦ ରହିଥିଲା। ତେବେ ଗୁରୁବାର ସନ୍ଧ୍ୟାରେ ଧୋବା ଓ ଦୁର୍ଯ୍ୟ ଘର ଆଗରେ ଠିଆ ହୋଇ କଥାବାର୍ତ୍ତା ହେଉଥିବା ବେଳେ ପଞ୍ଚୁ ପଛପଟୁ ଆସି ଏକ ଠିଆ କୋଡିରେ ଉଭୟଙ୍କ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିଥିଲା। ଦୁଇ ଭାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବେଳେ ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲା। ସେ ଦୁହିଁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଦୁଇ ଭାଇଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଆକ୍ରମଣକାରୀ ପଞ୍ଚୁକୁ ପୋଲିସ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

### ଗୋଟିଏ ଶ୍ରେଣୀଗୃହରେ ଚାଲିଛି ୬ଟି ଶ୍ରେଣୀ

## ସ୍କୁଲରେ ତାଲା ପକାଇ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ

ଦିଗପହଣ୍ଡି, ୯।୪(ସମିସ)

ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଶ୍ୟାମସୁନ୍ଦରପୁର ପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକୀୟ ଶ୍ରେଣୀଗୃହ ଅଭାବ ପ୍ରତିବାଦରେ ଗୁରୁବାର ସକାଳୁ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଶ୍ରେଣୀଗୃହ ଦିଅ ନଚେତ ବିଦ୍ୟାଳୟରେ ପ୍ରବେଶ କରିବୁ ନାହିଁ ବୋଲି ଜିଦ୍‌ଧରି ଦୀର୍ଘ ୫ ଘଣ୍ଟା ଆନ୍ଦୋଳନ କରିଥିଲେ।

୧୯୫୮ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ଶିଶୁ ବାଟିକା ଠାରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ଯାଏ ୬୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରି ଆସୁଛନ୍ତି। ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବାକୁ ମାତ୍ର ୨ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ତେବେ ଏଠାରେ ଦୀର୍ଘବର୍ଷ ହେଲା ଶିକ୍ଷା ବିଭାଗ ଏବଂ ସ୍ଥାନୀୟ ବ୍ଲକ ପ୍ରଶାସନର ଅବହେଳା କାରଣରୁ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ହୋଇପାରିନାହିଁ। ଆବଶ୍ୟକ ଶ୍ରେଣୀଗୃହର ଅଭାବ ହେତୁ ଆଜିଯାଏଁ ୬ଟି ଶ୍ରେଣୀର ଛାତ୍ରଛାତ୍ରୀମାନେ




ଗୋଟିଏ ଶ୍ରେଣୀ କକ୍ଷରେ ପାଠ ପଢ଼ି ଆସୁଛନ୍ତି।

ଏନେଇ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧାପ୍ରାପ୍ତ ହୋଇ ଆସୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଏବଂ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ବାରମ୍ବାର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ ସମସ୍ୟାର ସମାଧାନ କରିପାରିନାହିଁ। ପ୍ରତିବାଦରେ ଗୁରୁବାର ସକାଳୁ ଅଭିଭାବକମାନେ ମେଳି ବାନ୍ଧିଥିଲେ। ସକାଳ ୬ ଟାରୁ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ଭିତରକୁ ପ୍ରବେଶ ନ କରି ଫାଟକ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଏପରିକି ସେମାନେ ଆମକୁ ଅଣ୍ଡା କିମ୍ବା ପୋଷାକ ଦରକାର ନାହିଁ ପାଠ ପଢ଼ିବା ପାଇଁ ନୂତନ ଶ୍ରେଣୀ କକ୍ଷ ଆବଶ୍ୟକ ବୋଲି ନାରାବାଜି ଲଗାଇବା ସହ ପୂର୍ବାହ୍ନ ୧୧ ଟା ଯାଏଁ ଦୀର୍ଘ ୫ ଘଣ୍ଟା ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ ଦିଗପହଣ୍ଡି ବ୍ଲକ ଅତିରିକ୍ତ ବିଡ଼ିଓ ଉମେଶ କୁମାର ସେଠୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ କୁମାର ଶତପଥି, ସହ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ, ବିଶ୍ରବା ପାଇକ ଏବଂ ପୁଲିସ ଟିମ୍ ସ୍କୁଲରେ ପହଞ୍ଚି ଆନ୍ଦୋଳନକାରୀ ଅଭିଭାବକଙ୍କ ସହ ଆଲୋଚନା କରି ଆନ୍ଦୋଳନ ପ୍ରତ୍ୟାହୃତ କରିବାକୁ ଅନୁରୋଧ କରିଥିଲେ। ନୂତନ ଗୃହ ନିର୍ମାଣ ପାଇଁ ଅନ୍‌ଲାଇନ ମାଧ୍ୟମରେ ଟେଣ୍ଡର ପ୍ରକ୍ରିୟା କରାଯାଇ ଆଗାମୀ ୭ ଦିନ ମଧ୍ୟରେ ନୂତନ ଶ୍ରେଣୀ ଗୃହର ନିର୍ମାଣ କାମ ଆରମ୍ଭ କରାଯାଇ ୨ରୁ ୩ମାସ ମଧ୍ୟରେ ନୂତନ ଶ୍ରେଣୀଗୃହ ନିର୍ମାଣ କରାଯିବ ବୋଲି ଶିକ୍ଷାବିଭାଗର ଅଧିକାରୀ ବୃନ୍ଦ ଓ ବ୍ଲକ ପ୍ରଶାସନ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିବା ଜଣାପଡ଼ିଛି।

## ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର

ରମ୍ଭା/ହୁମ୍ମା, ୯।୪(ସମିସ): ରମ୍ଭା ଥାନା ଅଞ୍ଚଳ କଣ୍ଟାପଡ଼ା ଛକରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଗୁରୁତର ଯୁବକ ଜଣଙ୍କ ହେଲେ ପାଲୁର ଗଜପତି ନଗରର ଯୁବକ ଶିବ ଦାସ(୨୮)। ଏନେଇ ଶିବଙ୍କ ବାପା ବାବୁଲି ଦାସ(୫୩) ରମ୍ଭା ଥାନାରେ ଅଭିଯୋଗ କରିଛନ୍ତି। ଶିବ ରମ୍ଭାରୁ ଫେରିବା ପରେ ନିଜ ଗ୍ରାମଛକ ଅର୍ଥାତ୍ କଣ୍ଟପଡ଼ା ଛକରେ ଶିବଙ୍କ ଗାଡ଼ି ସାମ୍ନାକୁ ଦ୍ରୁତ ଗତିରେ ଏକ ଟାଟାଏସି ଗାଡ଼ି ଆସୁଥିଲା। ଫଳରେ ସେ ନିଜ ଜୀବନ ବଞ୍ଚାଇବାକୁ ରାସ୍ତା କଡ଼କୁ ଗାଡ଼ି ନେଇଥିଲେ। ଶିବଙ୍କ ଗାଡ଼ି ପାର୍କିଂ ହୋଇଥିବା ଏକ ସ୍କୁଟି ସହ ଧକ୍କା ହୋଇଥିଲା। ସ୍କୁଟିର କ୍ଷତିପୂରଣ ଦେବାକୁ ଶିବ ପ୍ରତିଶ୍ରୁତି ଦେବା ସତ୍ତ୍ୱେ ସ୍କୁଟି ମାଲିକଙ୍କ ସମେତ ୫ ଜଣ ଶିବଙ୍କୁ ମରଣାକକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଶିବଙ୍କ ପରିବାର ଲୋକଙ୍କୁ ଖବର ଦେବାପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଛତ୍ରପୁର ଓ ପରେ ବ୍ରହ୍ମପୁର ମେଡିକାଲକୁ ଚିକିତ୍ସା ପାଇଁ ନେଇଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ୧୨ କେଜି ଗଞ୍ଜେଇ ଜବତ; ୨ ଗିରଫ

ଛତ୍ରପୁର, ୯।୪(ସମିସ): ଫୁଲବାଣୀରୁ ବେଙ୍ଗାଲୁରୁ ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡ଼ି ବସିଲେ ଛତ୍ରପୁର ଅବକାରୀ ଭ୍ରାମ୍ୟମାଣ ଥାନା କର୍ମଚାରୀ। ଗୁରୁବାର ଅପରାହ୍ନରେ ଏକ ସ୍କୁଟି ଯୋଗେ ସମ୍ପର୍କୀୟ ଭାଇ, ଭଉଣୀ ଏକ ବ୍ୟାଗରେ ହୁମ୍ମାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଛତ୍ରପୁର କଲେଜ ଛକ ନିକଟରେ ଅବକାରୀ ଟିମ୍ ମାଡି ବସିଥିଲେ। ବ୍ୟାଗ ଯାଞ୍ଚବେଳେ ୧୨ କେଜି ଗଞ୍ଜେଇ ମିଳିଥିଲା। ସ୍କୁଟି ସହ ଗଞ୍ଜେଇ ଜବତ କରି ୨ ଜଣଙ୍କୁ ଗିରଫ କରିଛି ଅବକାରୀ ଭ୍ରାମ୍ୟମାଣ ଥାନା ଟିମ୍। ଗିରଫ ମାନେ ହେଲେ ବେଙ୍ଗାଲୁରୁର ଇର୍ସାରାଦ ହୁସେନ ଓ ପ୍ରିୟଙ୍କା। ଏହି ଗଞ୍ଜେଇ ସେମାନେ ଫୁଲବାଣୀରୁ ଆଣିଥିବା ଭ୍ରାମ୍ୟମାଣ ସଂସ୍ଥା ଏସଆଇ ସୂର୍ଯ୍ୟ ନାରାୟଣ ରଥ ସୂଚନା ଦେଇଛନ୍ତି। ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ଲକ୍ଷ ୨୦ ହଜାର ଟଙ୍କା ହେବ। ଗିରଫ ପରେ ସେମାନଙ୍କ କୋର୍ଟଚାଲାଣ କରାଯାଇଛି।

## ଆଦିବାସୀ ଓ ଦଳିତଙ୍କ ଉପରେ ଦମନଲୀଳାକୁ ନିନ୍ଦା

ବ୍ରହ୍ମପୁର, ୯।୪(ସମିସ): କନ୍ଧମାଳରେ ନିରୀହ ଆଦିବାସୀ ଓ ଦଳିତଙ୍କ ଉପରେ ଦମନଲୀଳାକୁ ନିନ୍ଦା କରିଛି ଅଖିଳ ଭାରତ କିଶାନ୍ ମଜଦୁର୍ ସଭାର ରାଜ୍ୟ କମିଟି। ପ୍ରେସ ବିବୃତ୍ତି ଜରିଆରେ ଦଳ ପକ୍ଷରୁ କୁହାଯାଇଛି ଯେ, ଗତ ସାତ ତାରିଖରେ ରାତି ଅଧରେ ଶହ ଶହ ସଶସ୍ତ୍ର ପୁଲିସ ପ୍ରଥମେ ଗାଁର ବିଦ୍ୟୁତ ସଂଯୋଗ କାଟି ଦେଇ କନ୍ଧମାଳରେ ପଶିଥିଲେ। ଲୋକଙ୍କୁ ଶୋଇଥିବା ଅବସ୍ଥାରେ ଉଠାଇ ଯେଉଁଭଳି ଭାବେ ଆକ୍ରମଣ କଲେ ଓ ଲୁହବୁହା ଗ୍ୟାସ ପ୍ରୟୋଗ ସହ ଫାଙ୍କା ଗୁଳିଚାଳନା କଲେ ତାହା ବର୍ବରତାର ସବୁ ସୀମାକୁ ଟପିଯାଇଛି। ଏହି ଘଟଣା ରାଜ୍ୟର ଆରଏସଏସ ଓ ବିଜେପି ସରକାରର କର୍ପୋରେଟ୍ ସପକ୍ଷବାଦୀ ତଥା ଦମନକାରୀ ନୀତିକୁ ଉନ୍ମୋଚିତ କରୁଛି। ଅବିଳମ୍ବେ ସେ ଅଞ୍ଚଳରେ ପ୍ରସ୍ତାବିତ ଖଣି ଖନନକୁ ବାତିଲ କରିବା ସହ ଲୋକଙ୍କ ବିରୁଦ୍ଧରେ ଦାୟର ସମସ୍ତ ମିଥ୍ୟା ମକଦ୍ଦମାକୁ ପ୍ରତ୍ୟାହାର କରିବାକୁ ଅଖିଳ ଭାରତ କିଶାନ ମଜଦୁର ସଭା ଦାବି କରୁଛି ବୋଲି ଏହାର ସମ୍ପାଦକ ପ୍ରତାପ ନାୟକ ଜଣାଇଛନ୍ତି।

## ହତ୍ୟାକାରୀକୁ ଆଜୀବନ ଜେଲ୍

ଛତ୍ରପୁର, ୯।୪(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ବାଳକୃଷ୍ଣପୁର ଗ୍ରାମର ୨୦୧୩ ମସିହାରେ ଘଟିଥିବା ଏକ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଛତ୍ରପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଦୀପ କୁମାର ସାମଲ ଅଭିଯୁକ୍ତ ଉପେନ୍ଦ୍ର ଦାସଙ୍କୁ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି।

ପ୍ରକାଶ ଯେ, ୨୦୧୩ ଅକ୍ଟୋବର ୧୭ ରାତି ୯ଟାରେ ବାଳକୃଷ୍ଣ ଗ୍ରାମର ଶେଷ ଦାସ ଓ ତାଙ୍କ ପତ୍ନୀ ସୁଶିଳା ଦାସଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ଚାଲିଥିଲା। ଏହାମଧ୍ୟରେ ସେହିଗ୍ରାମର ଉପେନ୍ଦ୍ର ଦାସ ମଝିରେ ପଶି ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ କରିଥିଲା। ପାଟିତୁଣ୍ଡ ଚାଲିଥିବାବେଳେ ଉପେନ୍ଦ୍ର ଶେଷ ଦାସ ଓ ତାଙ୍କ ପୁଅକୁ ପିଟିପିଟି ଅଚେତ କରିଦେଇଥିଲା। ପତ୍ନୀ ସୁଶିଳା ପାଣିମାରି ସ୍ୱାମୀ ଶେଷ ଓ ପୁଅକୁ ଉଠାଇଥିଲା। ଏହାପରେ ଚେତା ଫେରି ଆସିଥିବା ଶେଷକୁ ଘରୁ ଟାଣିଆଣି ପୁଣି ଉପେନ୍ଦ୍ର ଏକ କାଠଫାଳିଆରେ ପିଟି ମାରିଦେଇଥିଲା।



ମୃତ ଶେଷଙ୍କ ପତ୍ନୀ ସୁଶିଳାଙ୍କ ଅଭିଯୋଗ କ୍ରମେ ପୁରୁଷୋତ୍ତମପୁର ପୁଲିସ ଏକ ମାମଲା ରୁଜୁ କରି ତତ୍କାଳୀନ ତଦନ୍ତ ଅଧିକାରୀ ବିଜୟ କୁମାର ସାହୁ ଅଭିଯୁକ୍ତ ଉପେନ୍ଦ୍ରକୁ ଗିରଫ କରି କୋର୍ଟଚାଲଣ କରିଥିଲେ। ଏଡିଜେ ପ୍ରଦୀପ କୁମାର ସାମଲ ୧୬ଜଣଙ୍କ ସାକ୍ଷ୍ୟ, ପ୍ରମାଣକୁ ଆଧାର କରି ଉପେନ୍ଦ୍ର ଦାସକୁ ଆଜୀବନ ଜେଲ୍ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ବିଚାରପତି ରାୟରେ ପ୍ରକାଶ କରିଛନ୍ତି। ସେହିପରି ଘରୁ ଟାଣିଆଣି ଆକ୍ରମଣ ଅଭିଯୋଗର ୪୫୦ ଦଫାରେ ବିଚାରଣା କରି ବିଚାରପତି ୭ବର୍ଷ ଜେଲ୍ ଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା। ଜରିମାନା ଅନାଦେୟରେ ଅତିରିକ୍ତ ୩ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ କରାଯାଇଛି। ସରକାରଙ୍କ ପକ୍ଷରୁ କ୍ୟାଡର ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ନିହାର ରଞ୍ଜନ ଜେନା ମକଦ୍ଦମା ପରିଚାଳନା କରିଥିବା ବେଳେ ସରକାରୀ ଓକିଲ ପ୍ରଦୀପ କୁମାର ପାଢ଼ୀ ଓ ଗଙ୍ଗାଧର ପଣ୍ଡା ସହଯୋଗ କରିଥିଲେ।

## ଜଳଭଣ୍ଡାରରେ ଭାସୁଛି ଅଜଣା ଶବ

ସୋରଡା, ୯।୪(ସମିସ): ସୋରଡ଼ା ଜଳଭଣ୍ଡାରରେ ଭାସୁଛି ଏକ ଅଜଣା ଯୁବକର ଶବ। କିଛି ମତ୍ସ୍ୟଜୀବୀ ଡଙ୍ଗାଧରି ଦୁଇଦିନ ତଳେ ସେହି ମଧ୍ୟ ଭାଗକୁ ଯିବାବେଳେ ଶବଟି ଭାସୁଥିବା ଦେଖି ଭୟଭୀତ ହୋଇଥିଲେ। ମୃତ ଯୁବକ ଜଣକ ଏକ ହାଫ୍‌ପ୍ୟାଣ୍ଟ ପିନ୍ଧିଥିବାବେଳେ ପାଣି ଭିତରେ ମୁହଁ ମାଡ଼ି ଭାସୁଥିବା ଦେଖିବାକୁ ମିଳିଛି। ଯୁବକଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି।

## ଘୋଡାହାଡ଼ ନଦୀରେ ବୃଦ୍ଧ ନିଖୋଜ

ଦିଗପହଣ୍ଡି, ୯।୪(ସମିସ): ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ଗ୍ରାମର ହରି ସାହୁ(୮୨) ନାମକ ଜଣେ ବୃଦ୍ଧ ଗାଁ ନିକଟ ଘୋଡାହାଡ଼ ନଦୀକୁ ଗାଧୋଇବାକୁ ଯାଇ ବୁଧବାର ଅପରାହ୍ନରୁ ନିଖୋଜ ହୋଇଯାଇଛନ୍ତି। ପରିବାର ଲୋକେ ଗୁରୁବାର ଦିଗପହଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୀର୍ଘ ୨ଘଣ୍ଟା ଧରି ଖୋଜାଖୋଜି କରିଥିଲେ ବି ତାଙ୍କ ସନ୍ଧାନ ପାଇପାରିନଥିଲେ। ହରି ଗତକାଲି ଅପରାହ୍ନ ପ୍ରାୟ ୨ଟାରେ ନଦୀକୁ ଗାଧୋଇ ଯାଇ ଆଉ ଫେରି ନଥିଲେ। ପରିବାର ଲୋକେ ବିଳମ୍ବିତ ରାତି ଯାଏ ଖୋଜାଖୋଜି କରି ନପାଇବାରୁ ଗୁରୁବାର ସକାଳେ କିଛି ଗ୍ରାମବାସୀ ନଦୀଗଣ୍ଡ ନିକଟରେ ବୃଦ୍ଧଙ୍କ ଆଶାବାଡି ପଡ଼ିଥିବା ଦେଖି ବୁଡ଼ି ଯାଇଥିବା ସନ୍ଦେହ କରି ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ଗୌଡ଼ଙ୍କୁ ଜଣାଇଥିଲେ। ସରପଞ୍ଚ ଅଗ୍ନିଶମ



ବିଭାଗକୁ ସୂଚନା ଦେବାପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ। ଅପରପକ୍ଷରେ ନଦୀ ଗଣ୍ଡରେ କୁମ୍ଭୀର ଭୟ ଏବଂ ସନ୍ଧ୍ୟା ହୋଇଯିବାରୁ ଖୋଜାଖୋଜି ବନ୍ଦ ରହିଥିବା ବେଳେ ଶୁକ୍ରବାର ସକାଳୁ ପୁଣିଥରେ ଖୋଜିବା ପାଇଁ ପ୍ରଚେଷ୍ଟା ଜାରି ରହିବ ବୋଲି ଅଗ୍ନିଶମ ବିଭାଗ ଅଧିକାରୀ ବିକାଶ ମୁଦୁଲି କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଭଞ୍ଜନଗର, ୯।୪(ସମିସ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅଧିନ କୋଟିବରାଡି ଗାଁ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ଜଗନ୍ନାଥପ୍ରସାଦ ଥାନା ବାଉଁଶମଣି ଗାଁର ସଞ୍ଜୟ ପ୍ରଧାନ ଓ ଗୁରୁତର ଜଣକ ତାରସିଂ ଥାନା ଅଧିନ ଚଢ଼େୟାପଲ୍ଲୀର ବାବୁ ମଲ୍ଲିକ।

ବୁଧବାର ରାତିରେ ଉଭୟେ ଏକ ବାଇକରେ ଦଣ୍ଡନାଚ ଦେଖି ଫେରିବାବେଳେ କୋଟି ବରାଡି ଗାଁ ନିକଟ ଏକ କଲଭର୍ଟରେ ବାଇକ୍‌ଟି ଭାରସାମ୍ୟ ହରାଇ ପିଟି ହୋଇଥିଲା। ଫଳରେ ବାଇକ ସହ ଦୁହେଁ ରାସ୍ତା କଡ଼ରେ ଥିବା ଏକ ଖାଲକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ସଞ୍ଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବାବୁଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## 'ଆସ ବହିଟିଏ କିଣିବା' ଅଭିଯାନର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ



ଛତ୍ରପୁର, ୯।୪(ସମିସ): ରାଜ୍ୟରେ ଅପ୍ରେଲ ମାସ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଓଡ଼ିଆ ପକ୍ଷ ପାଳନର ନବମ ଦିବସ ଅବସରରେ ସାରା ରାଜ୍ୟରେ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଆଜିର ଦିବସଟି ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସ୍ରଷ୍ଟାମାନଙ୍କ ପାଇଁ ସମର୍ପିତ ଥିଲା ଆଜିର ଏହି 'ଆସ ବହିଟିଏ କିଣିବା' ଅଭିଯାନ। ସାରସ୍ୱତ ସାଧାକମାନଙ୍କ ଦ୍ୱାରା ଲିଖିତ ପୁସ୍ତକକୁ କିଣିବା, ପଢ଼ିବା ଓ ଅନ୍ୟମାନଙ୍କୁ ଉପହାର ଦେବା ଲକ୍ଷ୍ୟରେ ଆଜି 'ଆସ ବହିଟିଏ କିଣିବା' ଅଭିଯାନକୁ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅସ୍ଥାୟୀ ପୁସ୍ତକ ବିକ୍ରୟ କେନ୍ଦ୍ର ତଥା ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇ ଓଡ଼ିଆ ପକ୍ଷ ଏବଂ ଆଜି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସେହିପରି ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟା ମଧ୍ୟ ଯୋଗଦେଇ ଜୀବନରେ ଭଲ ପୁସ୍ତକର ମହତ୍ୱ ଉପରେ କହିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ଅନେକ ଅଧିକାରୀ, କର୍ମଚାରୀ ଓ ସାମ୍ବାଦିକ ମାନେ ପୁସ୍ତକ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ।

### ପୀତବାସ ହତ୍ୟା ମାମଲାରେ ଚାର୍ଜଫ୍ରେମ୍ ନୋହିଲା

## ତୃତୀୟ ଥର ପାଇଁ ପେନ୍‌ଡ୍ରାଇଭ ଫେରାଇନେଲା ପୁଲିସ

ବ୍ରହ୍ମପୁର, ୯।୪(ସମିସ)

ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ)ଙ୍କ କୋର୍ଟରେ ବହୁ ଚର୍ଚ୍ଚିତ ପିତବାସ ପଣ୍ଡା ହତ୍ୟା ମାମଲାର ଶୁଣାଣି ହୋଇଥିଲା। ତେବେ ଏଥର ମଧ୍ୟ ପୁଲିସକୁ ନିରାଶ ହେବାକୁ ପଡ଼ିଛି। ତୃତୀୟ ଥର ପାଇଁ ପୁଲିସ ପେନଡ୍ରାଇଭକୁ କୋର୍ଟରେ ଦାଖଲ କରିବାରେ ବିଫଳ ହୋଇଛି। ୧୬ଜଣ ଅଭିଯୁକ୍ତଙ୍କ ଓକିଲଙ୍କ ପାଇଁ ୧୬ଟି ପେନଡ୍ରାଇଭ ଆଣିଥିଲେ ହେଁ ଅଭିଯୁକ୍ତଙ୍କ ଓକିଲଙ୍କ ଆପତ୍ତି ଯୋଗୁଁ ତାହାକୁ କୋର୍ଟ ଗ୍ରହଣ କରିନଥିବା ଜଣାପଡ଼ିଛି। ଏବଂ ଆସନ୍ତା ୧୩ତାରିଖ ସୁଦ୍ଧା ନୂତନ ତଥା ସମସ୍ତ ତଥ୍ୟ ସହିତ ପେନ୍‌ଡ୍ରାଇଭ ଓ ଅନ୍ୟାନ୍ୟ ଆବଶ୍ୟକୀୟ ନଥିପତ୍ର କୋର୍ଟରେ ଦାଖଲ କରିବାକୁ କୋର୍ଟ ପୁଲିସକୁ ସମୟ ଦେଇଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ପୁଲିସ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ପେନଡ୍ରାଇଭ କୋର୍ଟରେ ଯାଞ୍ଚ ବେଳେ ଖୋଲିବାରେ ସମସ୍ୟା ଦେଖାଦେଇଥିଲା। ଫଳରେ ଅଭିଯୁକ୍ତଙ୍କ ଓକିଲମାନେ ଯଥା ଦୀପକ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, କୈଳାଶ ଚନ୍ଦ୍ର ପଣ୍ଡା ଓ କପିଳେଶ୍ୱର ପଟ୍ଟନାୟକ ତାହାକୁ ଗ୍ରହଣ କରିବାକୁ ସ୍ପଷ୍ଟ ମନା କରିଦେଇଥିଲେ। ସେହିଭଳି ଅଭିଯୁକ୍ତଙ୍କ ଓକିଲଙ୍କ ପକ୍ଷରୁ ଦାବି ପ୍ରକାରେ ଇତି ମଧ୍ୟରେ ପୁଲିସ ପକ୍ଷରୁ ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ ଅଧିକ ୪ରୁ ୫ଟି ପେନ୍‌ଡ୍ରାଇଭ ଦାଖଲ କରାଯାଇଛି। ଫଳରେ ସେ ସମସ୍ତ ତଥ୍ୟକୁ ଏକାଠି କରି ଅଥବା ସମସ୍ତ ତଥ୍ୟକୁ ପୃଥକ ପୃଥକ କରି ସ୍ୱତନ୍ତ୍ର ଭାବେ ପୁଣି ଆସନ୍ତା ୧୩ତାରିଖ ସୁଦ୍ଧା ପେନଡ୍ରାଇଭ ଦାଖଲ କରିବାକୁ ପୁଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଆଜି ମୁଖ୍ୟତଃ ଚାର୍ଜଫ୍ରେମ ପାଇଁ ଚର୍ଚ୍ଚା ହେଉଥିଲେ ହେଁ ଆବଶ୍ୟକ ନଥିପତ୍ର ଓ ତଥ୍ୟ ପୁଲିସ ଦାଖଲ କରିନଥିବାରୁ ପୂର୍ବରୁ କୋର୍ଟରେ ଦାଖଲ ହୋଇଥିବା ୩ଜଣ ଅଭିଯୁକ୍ତଙ୍କ ଡିସଚାର୍ଜ ପିଟିସନ ଉପରେ ଶୁଣାଣି ହୋଇପାରି ନଥିଲା। ଯାହା ଆସନ୍ତା ୨୪ତାରିଖରେ କରିବାକୁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ସେହିଭଳି ଅଭିଯୁକ୍ତ କାଳୁ ଚରଣ ଭୂୟାଁ ଓ ଯୋଗେନ୍ଦ୍ର ରାଉତଙ୍କ ଜାମିନ ଆବେଦନ ଉପରେ ମଧ୍ୟ ଆସନ୍ତା ୧୩ତାରିଖରେ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଅଭିଯୁକ୍ତଙ୍କ ଓକିଲ ଚକ୍ରପାଣି ନାହାକ ସୂଚନା ଦେଇଛନ୍ତି। ମୋଟ ୧୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଆଇନଜୀବୀ ମଦନ ଦଳେଇ ସ୍ୱାସ୍ଥ୍ୟଗତ କାରଣରୁ ଏମକେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟତମ ଅଭିଯୁକ୍ତ ରାଜେନ୍ଦ୍ର କୁମାର ସାହୁ କୋର୍ଟରୁ ସର୍ତ୍ତମୂଳକ ଜାମିନରେ ମୁକୁଳି ସାରିଛନ୍ତି। ସେପଟେ ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ ଦାଶ ଫୁଲବାଣୀ ଜେଲରେ ଥିବା ବେଳେ ଅନ୍ୟ ୧୩ଜଣ ବ୍ରହ୍ମପୁର ଜେଲରେ ଅଛନ୍ତି। ଅଭିଯୁକ୍ତଙ୍କ ଡିସଚାର୍ଜ ପିଟିସନର ଶୁଣାଣି ନହୋଇ ଚାର୍ଜଫ୍ରେମ କରିବା ସମ୍ଭବପର ନଥିବା ଅଭିଯୁକ୍ତଙ୍କ ଓକିଲ ସୂଚନା ଦେଇଛନ୍ତି।




## ଯୁବକଙ୍କୁ ମାରି ରାସ୍ତା କଡ଼ରେ ଫିଙ୍ଗିଦେଲେ

ରଙ୍ଗେଇଲୁଣ୍ଡା, ୯।୪(ସମିସ): ଗୋଳନ୍ଥରା ଥାନା କନିଷିହାଟ ଦମକଳ କେନ୍ଦ୍ର ସାମ୍ନା ସର୍ଭିସ ରୋଡ଼ କଡ଼ରୁ ଜଣେ ଅଚିହ୍ନା ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପୁଲିସ ଉଦ୍ଧାର କରିଛି। ଗୁରୁବାର ସକାଳେ ରାସ୍ତା କଡ଼ରେ ଏକ ଯୁବକଙ୍କ ମୃତଦେହ ପଡ଼ିଥିବା ଗୋଳନ୍ଥରା ଥାନା ପୁଲିସ ଖବର ପାଇ ଏସ୍‌ଆଇ ସିଲୁ ଧଳ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବ ଜବତ କରିଥିଲେ। ମୃତ ଯୁବକଙ୍କ ବୟସ ୪୦ରୁ ୪୫ ବର୍ଷ ଅନୁମାନ କରାଯାଉଛି। ସେ ଧୂସର ରଙ୍ଗର ପ୍ୟାଣ୍ଟ ଓ କଳା ସବୁଜ ରଙ୍ଗର ଫୁଲ ଶାର୍ଟ ପିନ୍ଧିଥିବା ବେଳେ ତାଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଛି। ତେବେ ଯୁବକଙ୍କୁ କେହି ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଥିବା ବେଳେ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ଶବ ଗୃହରେ ରଖିଥିବା ସୂଚନା ଦେଇଛି।

## ଅଗ୍ନିକାଣ୍ଡରେ ୮ ବଖରା ଜଳିଗଲା



ଭଞ୍ଜନଗର, ୯।୪(ସମିସ): ଭଞ୍ଜନଗର ଥାନା ଅଧିନ ପଙ୍କାଲ ଗ୍ରାମରେ ଗୁରୁବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ୯ଟି ପରିବାରର ଗୋଟିଏ ଗୁହାଳ ସମେତ ୮ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ୍ୟ ସର୍ଟ୍‌ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଗୁରୁବାର ମଧ୍ୟାହ୍ନରେ କୌଣସି କାରଣରୁ ଗାଁର ଏକ ଚାଳ ଘରେ ନିଆଁ ଲାଗି ଚାହୁଁ ଚାହୁଁ ପାଖ ଘରକୁ ବ୍ୟାପି ଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାବେଳକୁ ଗ୍ରାମର ବ୍ରହ୍ମାନନ୍ଦ ପ୍ରଧାନ, ଗୋବିନ୍ଦ ପ୍ରଧାନ, ସଞ୍ଜୟ ପ୍ରଧାନ, ରଞ୍ଜନ ଦଳେଇ, ମନୁ ଦଳେଇ, ସୀମାଞ୍ଚଳ ବେହେରା, ଗୋପାଳ ବେହେରା, ପଠାଣ ସେଠି ଓ ସୁଶାନ୍ତ ଗୌଡ଼ଙ୍କ ଏକ ଗୁହାଳ ସମେତ ୮ ବଖରା ଘର ଜଳିଯାଇଥିଲା। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି ଜଳି ପାଇଁଶ ହୋଇଯାଇଛି। ତହସିଲଦାର ଅଭିପ୍ସା ପଟ୍ଟନାୟକ ଅଗ୍ନିବିପନ୍ନଙ୍କୁ ଭେଟିଥିବାବେଳେ ତହସିଲ ପକ୍ଷରୁ ବିପନ୍ନଙ୍କୁ ଜରିପାଲ ପ୍ରଦାନ କରାଯାଇଛି। ଯଥାଶୀଘ୍ର ସମସ୍ତ ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ଶ୍ରୀମତୀ ପଟ୍ଟନାୟକ କହିଛନ୍ତି।

# ପଞ୍ଚୁଦଣ୍ଡରେ ଦଣ୍ଡୁଆଙ୍କ ମଧ୍ୟରେ ପିଟାପିଟି

ଧରାକୋଟ, ୯ ।୪(ସମିସ)



ଧରାକୋଟ ଥାନା ଅନ୍ତର୍ଗତ ସୁନ୍ଦରାପଲ୍ଲୀ ଗ୍ରାମରେ ବୁଧବାର ହେଇଥିବା ପଞ୍ଚୁ ଦଣ୍ଡରେ ଦଣ୍ଡୁଆ ଦଣ୍ଡୁଆ ମଧ୍ୟରେ ବାନା ବାଡ଼ିରେ ବାଡାବାଡ଼ି ହୋଇଛି। ଏହି ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି। ଏହି ଗ୍ରାମରେ ଗୋଲିଆ, ମୋରାବାଇ, କବିସୂର୍ଯ୍ୟନଗର ପରିଡ଼ା ପାର୍ଟି, ହିଞ୍ଜିଳିକାଟୁ ସାନପାର୍ଟି ଓ ପୁରୁଷୋତ୍ତମପୁର ଗୌଡ଼ପାର୍ଟି ମଧ୍ୟରେ ପଞ୍ଚୁଦଣ୍ଡ ବୁଧବାର ଦିନ ଅନୁଷ୍ଠିତ ହୋଇଥିଲା। ଗାଁ ମଧ୍ୟରେ ହିଞ୍ଜିଳିକାଟୁ ସାନପାର୍ଟି ଓ ପୁରୁଷୋତ୍ତମପୁର ଗୌଡପାର୍ଟି ନାଚ ପାଇଁ କମିଟି ସ୍ଥିର କରିଥିବା ବେଳେ ଗାଁ ବାହାରେ ଗୋଲିଆ, ମୋରାବାଇ ଓ କବିସୂର୍ଯ୍ୟନଗର ଦଳ ପାଇଁ ସ୍ଥାନ ନିରୂପଣ କରାଯାଇଥିଲା। ପ୍ରଥମେ କାଟୁ ଦଣ୍ଡଦଳ ନିଜ ନିଜ ସ୍ଥାନରେ ପହଞ୍ଚିଥିଲେ। ଏହାପରେ ପୁରୁଷୋତ୍ତମପୁର ଦଣ୍ଡଦଳ ଅଗ୍ନିଦଣ୍ଡ ଖେଳି କାଟୁ ପାର୍ଟିକୁ ଅତିକ୍ରମ କଲାବେଳେ ଅଗ୍ନି ଦଣ୍ଡର ଝୁଣା ନିଆଁ କୁଆଡେ କାଟୁ ଦଣ୍ଡୁଆକୁ ବାଜିଥିଲା। ଏଥିରେ ରାଗିଯାଇ ପୁରୁଷୋତ୍ତମପୁର ଦଳର ଦଣ୍ଡୁଆକୁ କାଟୁ ଦଳର ଦଣ୍ଡୁଆମାନେ ଆକ୍ରମଣ କରିଥିଲେ। ଫଳରେ ଦୁଇ ଦଳ ମଧ୍ୟରେ ମାରପିଟ ଆରମ୍ଭ ହୋଇଯାଇଥିଲା। ଦଣ୍ଡନାଚ ପାଇଁ ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ନିୟମ ଲାଗୁ କରିଥିଲେ ମଧ୍ୟ କାହିଁକି ଏଭଳି ଏକ ଘଟଣାକୁ ଏଡାଇ ଦିଆଗଲା ନାହିଁ ଏହାକୁ ନେଇ ସର୍ବତ୍ର ଆଲୋଚନା ହେଉଛି। ତେବେ ଖବର ଲେଖା ପର୍ଯ୍ୟନ୍ତ ଥାନାରେ ଏନେଇ ଅଭିଯୋଗ ହୋଇନି କିମ୍ବା କୌଣସି ଦଣ୍ଡୁଆ ଆହତ ହୋଇଥିବା ସୂଚନା ମିଳିନି। ଏନେଇ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କୁ ପଚାରିବାରୁ ସିନ୍ଧୁରାପଲି ଗ୍ରାମ୍ୟ କମିଟିକୁ ଥାନାକୁ ଆସିବା ପାଇଁ କୁହାଯାଇଛି। ପରିସ୍ଥିତି ଅନୁଧ୍ୟାନ କରିବା ପରେ ମାମଲା ରୁଜୁ ହେବ ବୋଲି ସେ କହିଛନ୍ତି।

# ଦଣ୍ଡନାଚ ଲାଗି ପୁରପଲ୍ଲୀ ଚଳଚଞ୍ଚଳ





ଶେରଗଡ, ୯ ।୪(ସମିସ): ପାରମ୍ପରିକ ଦଣ୍ଡ ନାଚ ରେ ଦୁଲୁକୁଛି ଶେରଗଡ। ଗଞ୍ଜାମର ଏହି ପ୍ରସିଦ୍ଧ ଲୋକକଳା ସାରା ଜିଲ୍ଲାକୁ ଚଳଚଞ୍ଚଳ କରି ରଖିଥିବା ବେଳେ ଶେରଗଡ ଅଞ୍ଚଳରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହେଉଛି। ଗଞ୍ଜାମର ପ୍ରସିଦ୍ଧ କୁଲାଗଡ ଦଣ୍ଡ ଦଳ ଗୁରୁବାର ଶେରଗଡ ସହରର ବାଘତୋଟା ସାହିରେ ରହିଥିବା ବେଳେ ଏହି ଦଣ୍ଡନାଚ ଦର୍ଶନ କରିବାକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏକାଠି ହୋଇଥିଲେ। ସୂଚନାଯୋଗ୍ୟ, ଗଞ୍ଜାମର ପ୍ରସିଦ୍ଧ କୁଲାଗଡ ଦଣ୍ଡ ନାଚରେ ପାଖାପାଖି ୧୩ ଶହରୁ ଊର୍ଦ୍ଧ୍ୱ ଦଣ୍ଡୁଆ ରହିଥିବା ବେଳେ ମା'କାଳୀଙ୍କ ନିତୀକାନ୍ତି ଓ ଆଳତୀ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ମନରେ ସ୍ୱତନ୍ତ୍ର ଆନନ୍ଦ ଖେଳି ଯାଇଛି। ଏ ସମ୍ପର୍କରେ ଦଣ୍ଡନାଚ ଗବେଷକ ସମ୍ପାଦକ ଜୁରିଆ ବିଷୋୟୀ କହନ୍ତି, ପାରମ୍ପରିକ ଦଣ୍ଡ ଯାତ୍ରାରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଲୋକକଳା ଓ ଜନଜୀବନର ଛବି ପ୍ରତିଫଳିତ ହୋଇଥାଏ। ବିଶେଷ କରି, ଜିଲ୍ଲାର ଚାଷ ପ୍ରଣାଳୀ ଠାରୁ ଆରମ୍ଭ କରି ଅନେକ ନିଚ୍ଛକ ଛବି ଏଥିରେ ପ୍ରଦର୍ଶିତ ହୋଇଥାଏ। ସନ୍ଧ୍ୟାରେ ଦଣ୍ଡ ଚରିତ୍ର ପ୍ରଦର୍ଶିତ ହୋଇଥାଏ। ଏଭଳି ଲୋକକଳା ଅନ୍ୟ କୌଣସି ସ୍ଥାନରେ ପ୍ରଦର୍ଶିତ ହେଉନଥିବାରୁ ଦଣ୍ଡ ଯାତ୍ରା ଗଞ୍ଜାମ ମାଟିର ଗୌରବ ବହନ କରିଥାଏ ବୋଲି ସେ ପ୍ରକାଶ କରିଛନ୍ତି।

**ବେଲଗୁଣ୍ଠା:** ବେଲଗୁଣ୍ଠା ନିକଟସ୍ଥ କେବିରି ବ୍ରହ୍ମପୁର ଗ୍ରାମରେ ଗଞ୍ଜାମ ପ୍ରସିଦ୍ଧ ଗାଲେରୀ ଦଣ୍ଡ ଅନୁଷ୍ଠିତ ହୋଇଯାଇଛି। ଗାଲେରୀ ଦଣ୍ଡ ଦଳରେ ପ୍ରାୟ ୭୦୦ ଦଣ୍ଡୁଆ ଅଂଶଗ୍ରହଣ କରିଥିବା ବେଳେ ଗ୍ରାମକୁ ସେମାନଙ୍କର ପ୍ରବେଶ ସମୟରେ ଏକ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ମଧ୍ୟାହ୍ନରେ ଧୂଳି ଦଣ୍ଡ ଏବଂ ଅପରାହ୍ଣରେ ପାଣିଦଣ୍ଡ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ସମୟରେ ମାଆଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା ଓ ଆଜି ଦିନ ସାରା ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରାତିରେ ମାଆଙ୍କର ପ୍ରସାଦ ସେବନ, ପରଭା ନୃତ୍ୟ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ସାମାଜିକ ନାଟକ ପରିବେଷଣ ହୋଇଥିଲା।

# ଦିଗପହଣ୍ଡି ଏନ୍‌ଏସି କାଉନ୍‌ସିଲ ପକ୍ଷରୁ ପରିବର୍ଦ୍ଧିତ ସଭା




ଦିଗପହଣ୍ଡି,୯।୪(ସମିସ): ଦିଗପହଣ୍ଡି ଏନ୍‌ଏସି କାଉନସିଲର ୨୨ତମ ପରିବର୍ଦ୍ଧିତ ଆଲୋଚନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ସଂଯୋଜନା କରିଥିଲେ। ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ରଙ୍କୁ କାଉନ୍‌ସିଲର ଏବଂ କର୍ମଚାରୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବ କାଉନ୍‌ସିଲ ସଭାର ବିବରଣୀ ପାଠ କରାଯିବା ପରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସହରର ସମସ୍ତ ୱାର୍ଡ ଅଧିନ ସାହି, ବସ୍ତିମାନଙ୍କରେ ନିରନ୍ତର ପାନୀୟ ଜଳ ଯୋଗାଣ ପାଇଁ ପିଏଚ୍‌ଡିର ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀ ବୃନ୍ଦ ସମୁଚିତ ଦୃଷ୍ଟି ଦେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସେହିପରି ବିଦ୍ୟୁତ ସରବରାହ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଉପରେ ସଭାରେ ବିସ୍ତୃତ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସଭାରେ ଉପସ୍ଥିତ ଥିବା ଜାତୀୟ ରାଜପଥ ସହକାରୀ ଯନ୍ତ୍ରୀଙ୍କୁ ସହର ସଂଲଗ୍ନ ରାସ୍ତା ଓ ରାସ୍ତାର ଉଭୟ ପାର୍ଶ୍ୱରେ ଡିପ୍ ଡ୍ରେନ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବହୁ ପ୍ରତିକ୍ଷୀତ ସହରର ଐତିହ୍ୟ ସମ୍ପନ୍ନ ବଡ଼ବନ୍ଧ ଓ ନେଳିଆବନ୍ଧ ସମେତ ପୁଞ୍ଜିକୟାଁ ଛକ ସ୍ଥିତ ପୋଖରୀର ସୌନ୍ଦର୍ଯ୍ୟକରଣ ଏବଂ ପ୍ରସ୍ତାବିତ ଚାରିଧାମ ପାର୍କ ନକ୍ସାର ପ୍ରଶାସନିକ ଅନୁମୋଦନ ପରେ ଅନଲାଇନ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଇଛି ବୋଲି ବିଧାୟକ ସଭାରେ ପ୍ରକାଶ କରିଥିଲେ। ସହରର ବିଭିନ୍ନ ସାହିବସ୍ତି ଗୁଡ଼ିକୁ ମହାପୁରୁଷ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ନାଁ ରେ ନାମିତ କରାଯିବା ନିମନ୍ତେ ସଭାରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରାଯାଇଥିଲା। ନୂଆ ବସଷ୍ଟାଣ୍ଡ ପାଖର୍ ସମେତ ବିଭିନ୍ନ ୱାର୍ଡ ସଂଲଗ୍ନ ଅଞ୍ଚଳରେ ନାଳନର୍ଦ୍ଦମା ଓ ବର୍ଷାଜଳ ଜମିରହି ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଥିବାରୁ ସେସବୁର ନିଷ୍କାସନ ପାଇଁ ସ୍ଥାୟୀ ପଦକ୍ଷେପ ନିଆଯିବାକୁ ସଭାରେ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଥିଲା। ସଭାରେ ଉପସ୍ଥିତ ୯ ନଂ ୱାର୍ଡ କାଉନସିଲର ନୀଳମାଧବ ଗୌଡ ସହରର ବିଭିନ୍ନ ୱାର୍ଡରେ ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟ ପାଇଁ ବିଧାୟକ, ଏନଏସି ଅଧ୍ୟକ୍ଷ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ବୈଠକ ଶେଷରେ ନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ର ଏବଂ ନଗରପାଳ ସମେତ ସମସ୍ତ କାଉନସିଲର ଦୀପକ କୁମାର ମିଶ୍ର, ସୁଶାନ୍ତ କୁମାର ପାତ୍ର, ସୁନୀଲ କୁମାର ପଣ୍ଡା, ଜ୍ୟୋସ୍ନା ଜେନା, ମାମିନି ବେହେରା, ସନ୍ତୋଷିନୀ ବେହେରା, ଇ. ଗାୟତ୍ରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ଦିଗପହଣ୍ଡି ଗସ୍ତରେ ଆସିଥିବା ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଏନ୍‌ଏସି ଅଧ୍ୟକ୍ଷ ଓ କାଉନସିଲର ବୃନ୍ଦ ଭେଟି ବିଧାୟକଙ୍କ ଉପସ୍ଥିତିରେ ଦିଗପହଣ୍ଡି - ବ୍ରହ୍ମପୁର ଏବଂ ବ୍ରହ୍ମପୁର -ଚିକିଟି ରାସ୍ତାର ଦୋହରୀକରଣ ସହ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଡ୍ରେନେଜ୍ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ବର୍ଷା ଋତୁ ପୂର୍ବରୁ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବାକୁ ଉପସ୍ଥିତ ପୂର୍ତ୍ତ ବିଭାଗ ଅଧୀକ୍ଷଣଯନ୍ତ୍ରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

# ଜନଗଣନା ସଚେତନତା ରଥର ଶୁଭାରମ୍ଭ



ଶେରଗଡ଼, ୯ ।୪(ସମିସ): ଜନଗଣନା (୨୦୨୭) କୁ ନେଇ ଲୋକଙ୍କ ମନରେ ସଚେତନତା ବୃଦ୍ଧି ଲାଗି ଗୁରୁବାର ଶେରଗଡ ତହସିଲଦାର ତ୍ରିଦେବ ରଥ, ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବୈରୀଗଞ୍ଜନ ତହସିଲ କାର୍ଯ୍ୟାଳୟ ସାମନାରେ ସଚେତନତା ରଥକୁ ଶୁଭାରମ୍ଭ କରିଛନ୍ତି। ଏହି ରଥ ବ୍ଲକର ସମସ୍ତ ଗ୍ରାମକୁ ବୁଲି ଲୋକଙ୍କୁ ଜନଗଣନାରେ ସକ୍ରିୟ ଭାଗନେବା ସହିତ ଆବଶ୍ୟକତା ମୁତାବକ ସହଯୋଗ କରିବା ଲାଗି ସଚେତନ କରିବ। ପ୍ରଥମଥର ଲାଗି ସମସ୍ତ ପ୍ରକ୍ରିୟାକୁ ଡିଜିଟାଲ ମାଧ୍ୟମରେ କରାଯାଉଛି। ଗଣନାକାରୀ ମାନେ ଘରକୁ ଘର ଯାଇ ମୋବାଇଲ ଆପ ମାଧ୍ୟମରେ ତଥ୍ୟ ସଂଗ୍ରହ କରି କେନ୍ଦ୍ରୀୟ ସର୍ଭେକୁ ପଠାଇବେ। ଫଳରେ ସମସ୍ତ ତଥ୍ୟ ସଠିକ ଭାବେ ସଂଗ୍ରହ କରାଯାଇପାରିବ ବୋଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସଠିକ ତଥ୍ୟ ନେଇ ଜନପ୍ରତିନିଧି, ବରିଷ୍ଠ ଅଧିକାରୀ,କର୍ମଚାରୀ ଓ ସଚେତନ ନାଗରିକ ମାନଙ୍କୁ ସ୍ୱଗଣନା ରେ ସାମିଲ ହୋଇ ନିଜର ତଥ୍ୟ ଦାଖଲ କରିବା ସହିତ ଅନ୍ୟ ମାନଙ୍କୁ ଅନୁପ୍ରେରିତ କରିବା ଲାଗି ଅନୁରୋଧ କରିଛନ୍ତି।

# 'ପ୍ରତିଶ୍ରୁତି ଏଇଠି ପାଣିର ଗାର' ମଞ୍ଚସ୍ଥ

ରମ୍ଭା, ୯ ।୪(ସମିସ): ରାମଗଡ଼ ପଞ୍ଚାୟତର ଗଜପତି ନଗର (ପାଲୁରୁ) ରଘୁନାଥ ମନ୍ଦିର ପରିସରରେ ୬୮ ତମ ଶ୍ରୀରାମ ନବମୀ ଯାତ୍ରା ଚାଲିଥିବା ମହୋତ୍ସବ ଉଦଯାପିତ ହୋଇଯାଇଛି। ଶେଷ ରାତିରେ "ପ୍ରତିଶ୍ରୁତି ଏଇଠି ପାଣିର ଗାର' ନାଟକ ମଞ୍ଚସ୍ଥ ହୋଇଥିଲା। ସାମୂହିକ କାର୍ଯ୍ୟକ୍ରମକୁ ରଘୁନାଥ ବେହେରା (ସଭାପତି), ଶରତ ଚନ୍ଦ୍ର ବେହେରା (ଉପ ସଭାପତି), ବିଘ୍ନରାଜ ବେହେରା (ସମ୍ପାଦକ), ଲୋକନାଥ ବେହେରା (କୋଷାଧ୍ୟକ୍ଷ), ସହଯୋଗୀ ମନୁ ବେହେରା, ଭାବଗ୍ରାହୀ ବେହେରା, ସୁଜିତ ମଲ୍ଲିକ, ବସନ୍ତ ମଲ୍ଲିକ, ମନୋଜ କୁମାର ବେହେରା, ସୁଦର୍ଶନ ବେହେରା, ସୁରେନ୍ଦ୍ର ବେହେରା, ଶିବ ବେହେରା ଭାବଗ୍ରାହୀ ଓରଫ ଭାର୍ଗବୀ, ବଟକୃଷ୍ଣ ମଲ୍ଲିକ, ଟିଟିନା ବେହେରା, ସଂଗ୍ରାମ ବେହେରାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ମଛାକୋଟରେ ବିଧାୟକଙ୍କ ଉଦ୍‌ଘାଟନ କାର୍ଯ୍ୟକ୍ରମ



ଧରାକୋଟ, ୯ ।୪(ସମିସ): ଧରାକୋଟ ବ୍ଲକର ମଛାକୋଟ ଗ୍ରାମରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ଦ୍ୱାରା ଦୁଇଟି ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ମଛାକୋଟ ଗ୍ରାମରେ ବିଧାୟକଙ୍କ ଦ୍ୱାରା ଏୟାରଟେଲ ଟାୱାର ଉଦ୍‌ଘାଟିତ ହୋଇଛି। ଏଥିରେ ଏୟାରଟେଲର ଟିଏସଏମ ସୀମାଞ୍ଚଳ ମହାରଣା, ଜିଏସଏମ ଶ୍ରୀନିବାସ ପଟନାୟକ, ଟିସିଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦେବୀ ପ୍ରସାଦ ତ୍ରିପାଠୀ, ହୃଷୀକେଶ ଶତପଥୀ, ବଳରାମ ଜେନା, ପୂର୍ବତନ ସମିତି ସଭ୍ୟ ନୀଳମଣି ଭଞ୍ଜ, ହରି ରାଉତ, ବିଜୟ ରାଉତ ଓ ରବୀନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଗ୍ରାମର ନନ୍ଦିନୀ ନଦୀ ନିକଟରେ ଥିବା ଶ୍ମଶାନ ଗୃହକୁ ବିଧାୟକ ଉଦଘାଟନ କରିଥିଲେ। ଏଥିରେ ୱାର୍ଡସଭ୍ୟ ଲିଲି ଗୌଡ଼, ତ୍ରିନାଥ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାପରେ ବିଧାୟକ ନିକଟସ୍ଥ ଅଭୟପୁର ଗ୍ରାମର କପିଳେଶ୍ୱର ମହାଦେବଙ୍କ ମନ୍ଦିର ପରିଦର୍ଶନ କରିବା ସହ ଲୋକଙ୍କ ସହ ଏହାର ଉନ୍ନତିକରଣ କାର୍ଯ୍ୟ ପାଇଁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବସନ୍ତ ଭଞ୍ଜ, ନାରାୟଣ ପ୍ରଧାନ, ହମ୍ବୁଲୁ ବିଷୋୟୀ, ପିଣ୍ଟୁ ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ବିପିନ ବିହାରୀ ଷଡ଼ଙ୍ଗୀ, ଭଗବାନ ଗୌଡ଼ ଓ ରାମକୃଷ୍ଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଗଞ୍ଜାମରେ 'ସମ୍ପୂର୍ଣ୍ଣ ଶ୍ରୀ ମିଶନ' କର୍ମଶାଳା

ଛତ୍ରପୁର, ୯ ।୪(ସମିସ): 'ସମ୍ପୂର୍ଣ୍ଣ ଶ୍ରୀ ମିଶନ' ସମ୍ପର୍କିତ ଜିଲ୍ଲାସ୍ତରୀୟ ସମନ୍ୱୟ କର୍ମଶାଳା ଗୁରୁବାର ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଓଡିଶା ଜୀବିକା ମିଶନ ପକ୍ଷରୁ ଆୟୋଜିତ ହୋଇଥିଲା। କର୍ମଶାଳାରେ ବିଭିନ୍ନ ବିଭାଗର ସମନ୍ୱୟ ମାଧ୍ୟମରେ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ମିଶନ୍‌ର ଲକ୍ଷ୍ୟ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଉଦ୍ୟମିତା, କୃଷି, ଗ୍ରାମୀଣ ଆୟ, ପୋଷଣ ସୁଧାର ଏବଂ ମହିଳା ସଶକ୍ତିକରଣକୁ ତ୍ୱରାନ୍ୱିତ କରାଯିବା। କର୍ମଶାଳାରେ ବିଭିନ୍ନ ଯୋଜନାମାନଙ୍କର ସଠିକ ସମନ୍ୱୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ବିଷୟରେ ଉପସ୍ଥାପନା କରାଯାଇଥିଲା। ଏହା ସହିତ ଜଳସେଚନ ସଂରଚନା ପାଇଁ ଆର୍ଥିକ ସହାୟତା ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଇନପୁଟ୍ ସବସିଡି, ଉନ୍ନତ ବୀଜ ବିତରଣ ଓ ଫସଲ ବୃଦ୍ଧି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଥିଲା। କର୍ମଶାଳାରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନାଙ୍କ ସମେତ କ୍ଷେତ୍ରସ୍ତରୀୟ ଅଧିକାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ।



# ବ୍ଲକ୍ ସାମାଜିକ ଜନଶୁଣାଣି କାର୍ଯ୍ୟକ୍ରମ

ରଙ୍ଗେଇଲୁଣ୍ଡା, ୯ ।୪(ସମିସ): ଗୁରୁବାର ବ୍ଲକସ୍ତରୀୟ ସାମାଜିକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରଙ୍ଗେଇଲୁଣ୍ଡା ବ୍ଲକ ପରିସର ସଭା ଗୃହରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅଭିନାଶ କୁମାର, ବିଡିଓ ବିଶ୍ୱଜିତ ରାୟ, ଜିଲ୍ଲା ପରିଷଦ ଉପସଭାପତି ଏସ. ରାଜେଶ୍ୱରୀ ଦୋରା, ବିଇଓ ଦେବେନ୍ଦ୍ର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ନବୀନ ଭୂୟାଁ, ଦିଗାମ୍ବର ନାୟକ ଯୋଗ ଦେଇଥିଲେ। ଜିଲ୍ଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ମଲଣା ପରିଚାଳନା କରିଥିଲେ। ଏପିଓ ଗୋପାଳ ପଣ୍ଡା ୨୦୨୫-୨୬ ଆର୍ଥିକ ବର୍ଷର ୩୨ ପଞ୍ଚାୟତର ବିବରଣୀ ପାଠ କରିଥିଲେ। ୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୪ ଲକ୍ଷ ୩୨ ହଜାର ୧୮୦ ଦିବସ ପୂରଣ ହୋଇଛି । ୧୨ କୋଟି ୭୨ ଲକ୍ଷରୁ ଏକ ହଜାର ଟଙ୍କାର ଉନ୍ନୟନ କାର୍ଯ୍ୟ ହୋଇଛି। ଏହି ବ୍ଲକ ଗଞ୍ଜାମ ଜିଲ୍ଲାରେ ତିନି ନମ୍ବର ସ୍ଥାନରେ ରହିଛି। ଭାଲିଆଗାଡ଼ ଗ୍ରାମରେ ଜିୟୁଜିଏଚ ବିଦ୍ୟାଳୟରେ ଜାତୀୟସ୍ତରୀୟ ଖେଳିବାକୁ ଯାଉଥିବା ବେଳେ କିନ୍ତୁ ବିଦ୍ୟାଳୟରେ ଖେଳ ପଡ଼ିଆ ନାହିଁ। ଏନେଇ ବାରମ୍ବାର କନିଷ୍ଠ ତହସିଲଦାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟେ କର୍ଣ୍ଣପାତ କରୁନାହାନ୍ତି ବୋଲି କୋଠାରସିଂ ସମିତିସଭ୍ୟ ଆଶିଷ ରାଉଳ କହିଲେ। ସେହିପରି ଘରୋଇ ଓଡ଼ିଆ ମାଧ୍ୟମ ବିଦ୍ୟାଳୟକୁ ୧ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ବିଭାଗ ପକ୍ଷରୁ ମାଗଣା ବହି ମାଗଣା ମିଳୁଥିବା ବେଳେ ଘରୋଇ ବିଦ୍ୟାଳୟରେ ବହି ପାଇଁ ଟଙ୍କା ନେଉଥିବା ନେଇ ବକ୍ସିପଲ୍ଲୀ ସମିତିସଭ୍ୟା ଜୟସେନ ସାହୁ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ପିଇଓ, ବନବିଭାଗ, ଶିକ୍ଷା, ଜିଆରଏସ, ସରପଞ୍ଚ, ସମିତିସଭ୍ୟା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

● ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

# ୪ଟି କୋଠରିରେ ପଢୁଛନ୍ତି ୮ ଶ୍ରେଣୀର ପିଲା



ଗଞ୍ଜାମ, ୯ ।୪(ସମିସ): ରାଜ୍ୟ ସରକାର ଶିକ୍ଷାର ବିକାଶକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ଗୁଡିକର ଉନ୍ନତିକରଣ କରୁଛନ୍ତି। ହେଲେ ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ୧୯୭୫ ମସିହାରେ ପ୍ରତିଷ୍ଠିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୮୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ହେଲେ ମାତ୍ର ୪ ଗୋଟି ଶ୍ରେଣୀଗୃହ ରହିଥିବାରୁ ବିଦ୍ୟାର୍ଥୀଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ସରକାରୀ ବିଦ୍ୟାଳୟ ବଦଳରେ ଘରୋଇ ଶିକ୍ଷାନୁଷ୍ଠାନମାନଙ୍କରେ ନିଜ ପିଲାମାନଙ୍କୁ ପାଠ ପଢ଼ାଇବାକୁ ଉଚିତ ମନେ କରୁଛନ୍ତି ଅଭିଭାବକ। ୧୯୭୫ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ସ୍କୁଲରେ ପୂର୍ବରୁ ଦାମୋଦରପୁର ସମେତ, ଗଞ୍ଜାମ, ପୁଇଁତୋଳା, ବିଛଣାପଲ୍ଲୀ, କାଇଁଚପୁର, କଲ୍ୟାଣପୁର, ଝରାପଦର, ବିରିପୁର, ଅଲ୍ୟାବାଦ, କରପଡା ଅଞ୍ଚଳରୁ ପିଲାମାନେ ଆସି ଅଧ୍ୟୟନ କରୁଥିଲେ। ହେଲେ ଭିତ୍ତିଭୂମିର ଅଭାବ ଯୋଗୁ ମାତ୍ର ଅଳ୍ପସଂଖ୍ୟକ ପିଲା ଏବେ ଏଠାରେ ପଢୁଛନ୍ତି। ସ୍କୁଲର ଭିତ୍ତିଭୂମିର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନଥିବା ଯୋଗୁ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଉଛି। ତୁରନ୍ତ ଶ୍ରେଣୀଗୃହ ନିର୍ମାଣ ନେଇ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି।

**କାମ ନ କରି ମନରେଗା ଟଙ୍କା ହଡ଼ପ**

# ଠିକାଦାରଙ୍କ ଚାପରେ ପ୍ରଶାସନ ଚେପା

ଜଗନ୍ନାଥପ୍ରସାଦ, ୯ ।୪(ସମିସ):

ଜଗନ୍ନାଥପ୍ରସାଦ ବ୍ଲକ ଚଡ଼ିଆପଲି ପଞ୍ଚାୟତରେ ମନରେଗା ଯୋଜନାରେ ଅର୍ଥ ହଡ଼ପ ନେଇ ଅଭିଯୋଗ ହୋଇଛି। ଚଡ଼ିଆପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରୁ କାଳିକା ସାହି ପର୍ଯ୍ୟନ୍ତ କେନାଲ ନିର୍ମାଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି ପ୍ରକଳ୍ପର କାର୍ଯ୍ୟନିର୍ବାହୀ ସଂସ୍ଥା ଜଗନ୍ନାଥପ୍ରସାଦ ସମିତି ଅଧିନରେ ରହିଛି। ଯାହାର କାର୍ଯ୍ୟ କୋଡ-୨୪୧୨୦୧୨//୧୦୬୧୯୧୬୪ ଅଟେ। ପ୍ରକଳ୍ପ ଅଟକଳ ମୂଲ୍ୟ ୮ ଲକ୍ଷ। ତେବେ ନିର୍ମାଣ ଫଳକରେ କାର୍ଯ୍ୟ ଆରମ୍ଭ ଓ ଶେଷ ବିଷୟରେ କିଛି ଉଲ୍ଲେଖ ନାହିଁ। ଅଣକୁଶଳୀ ଶ୍ରମିକ ଅଂଶ, ୫,୬୦,୦୦୦ ଲେଖା ଯାଇଛି। ତେବେ ଏହି କାମ କରିବା ପାଇଁ ଗ୍ରାମର କିଛି ଛାୟା କଣ୍ଟ୍ରାକ୍ଟର କାଳିକା ସାହି ସମ୍ମୁଖ ରାସ୍ତାଟିକୁ କେନାଲ ନିର୍ମାଣ କରିବା ବାହାନାରେ ଜେସିବି ଲଗାଇ ଖୋଳିଦେଇ ୪ମାସ ହେଲା କାମ କରୁନାହାନ୍ତି। ଫଳରେ ସାହିବାସିନ୍ଦା ଘରୁ ବାହାରକୁ ବାହାରି ପାରୁନାହାନ୍ତି। ଏମିତିକି କିଛି ପରିବାର ଏଭଳି ଅସୁବିଧା କାରଣରୁ ଘର ସମ୍ମୁଖରେ ଖୋଳାଯାଇଥିବା ଡ୍ରେନକୁ ପୋତି ସାରିଲେଣି। ଏନେଇ ସରପଞ୍ଚଙ୍କୁ ପଚାରିବାରୁ ଏହି କାମଟି ପଞ୍ଚାୟତ ସମିତିର ତେଣୁ ସେ ଏହା ଉପରେ କିଛି କହିପାରିବେନି ବୋଲି କହିଛନ୍ତି। ଏଡିଓ ମଙ୍ଗୁଲୁ ନାୟକଙ୍କୁ ପଚାରିବାରୁ ଏହି କାମରେ ଶ୍ରମିକ ମଜୁରୀ ଦେଖାଇ ଗ୍ରାମର ଛାୟା କଣ୍ଟ୍ରାକ୍ଟର ମାନେ ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ବିଲ୍ ନେଇ ସାରିଛନ୍ତି। ଆଉ କାମ କରାଯିବ କହି ଶ୍ରମିକ ଓ ମ୍ୟାଟେରିଆଲ ପାଇଁ ଡିମାଣ୍ଡ ଦେଉଥିଲେ। ତେବେ କାମ ନହେଲେ ଟଙ୍କା ଦିଆଯିବନି ବୋଲି କହିବାରୁ ସେମାନେ କାମ କରୁନାହାନ୍ତି ବରଂ ମତେ ଏହି ପଞ୍ଚାୟତରୁ ବାହାର କରିବାକୁ ଲାଗିଛନ୍ତି ବୋଲି ସେ କହିଛନ୍ତି।

**୪ମାସ ହେଲା ଘର ଆଗ ଖୋଳି ଦେଇଛନ୍ତି**





ଘଟଣା ସମ୍ପର୍କରେ ସହକାରୀ ନିର୍ବାହୀଯନ୍ତ୍ରୀ ଦୀପକ କୁମାର ସାହୁଙ୍କୁ ପଚାରିବାରୁ ଗାତ ଖୋଳିଥିବା ବ୍ୟକ୍ତିମାନଙ୍କୁ ମୁଁ ଅନେକ ଥର ଡାକି କହିବା ସତ୍ତ୍ୱେ କାମ ହେବ କହୁଥିଲେ ବି ସେମାନେ ମୋ କଥା ଶୁଣୁନାହାନ୍ତି କିମ୍ବା କାମ ଆରମ୍ଭ କରୁନାହାନ୍ତି। ତେଣୁ ଏନେଇ ମୁଁ ନିରୁପାୟ କହି ହାତ ଟେକିଦେବା ସହ ପୂର୍ଣ୍ଣ ବିଲ୍ କରିବାକୁ ଧମକାଉଥିବା ଅଭିଯୋଗ କରିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି କାମ ନକରି ବ୍ଲକ ପ୍ରଶାସନ ଉପରେ ପ୍ରଭାବ ବିସ୍ତାର କରି ପ୍ରଥମ ବିଲ୍ ବାବଦକୁ ଦେଢ଼ଲକ୍ଷ ଟଙ୍କା ଉଠାଇ ନେବା ପରେ ଏବେ କାମ ଆରମ୍ଭ ନକରି ପୁଣି ଫଲ୍ସ ବିଲ୍ କରି ଟଙ୍କା ଉଠାଣ ପାଇଁ ଚେଷ୍ଟା ଚଳାଇଛନ୍ତି। ଆଉ ବ୍ଲକ ପ୍ରଶାସନ କେଉଁ ଅଦୃଶ୍ୟ ଚାପରେ ଚେପା ହୋଇ ଚୁପ ରହୁଛି ଏହା ସମସ୍ତଙ୍କୁ ବିସ୍ମିତ କରିଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଡିମିରିପଡ଼ାରେ ଯକ୍ଷ୍ମାମୁକ୍ତ ଶିବିର



ଫୁଲବାଣୀ, ୯।୪(ସମିସ): ଯକ୍ଷ୍ମା ମୁକ୍ତ ଦେଶ ସ୍ୱପ୍ନ ସାକାର ଉଦ୍ଦେଶ୍ୟରେ ଆଜି ଫୁଲବାଣୀ ବ୍ଲକ ଡିମିରିପଡା ଗ୍ରାମରେ ଏକ ଯକ୍ଷ୍ମା ମୁକ୍ତ ଶିବିର କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଯାଇଛି। ଏହାକୁ ୱାର୍ଡମେମ୍ବର ଅନାଥ କହଁର ଉଦ୍‌ଘାଟନ କରିଥିଲେ। ଏଥିରେ ଗ୍ରାମର ୫୦ ଲୋକଙ୍କ ଏକ୍ସରେ ଦ୍ୱାରା ସ୍କ୍ରିନିଙ୍ଗ କରାଯିବା ସଙ୍ଗେ ସଙ୍ଗେ ସମସ୍ତଙ୍କ ଏମିନିଆ, ରକ୍ତଚାପ, ହିମୋଗ୍ଲୋବିନ୍, ରକ୍ତ ଶର୍କରା ଆଦି ମାଗଣାରେ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜିଲ୍ଲା ବ୍ୟାପୀ ୧୦୦ ଦିନ ଜାରି ରହିବ। ଏଥିରେ ଏଏନ୍‌ଏମ, ସିଏଚଓ, ଆଶା, ଅଙ୍ଗନବାଡି କର୍ମୀ, ରେଡ଼ିଅଗ୍ରାଫର ତଥା ଜିଲ୍ଲା ଯକ୍ଷ୍ମା ବିଭାଗ ତରଫରୁ ଏସ୍‌ଟିଏସ୍ ଶେଷଦେବ ନାୟକ, ଜିଲ୍ଲା ପ୍ରୋଗ୍ରାମ୍ ସଂଯୋଜକ ସଞ୍ଜୟ ସାହୁ, ଜିଲ୍ଲା ଟିଭି/ଏଚଇଭି ସଂଯୋଜକ ସୁନିଲ କୁମାର ପାତ୍ର ଯୋଗ ଦେଇଥିଲେ। ଶେଷରେ ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ରାଇକିଆରେ ଅଷ୍ଟଦଣ୍ଡ ମିଳନ



ରାଇକିଆ, ୯।୪(ସମିସ): ରାଇକିଆ ପଞ୍ଚଦଣ୍ଡ ପରିଚାଳନା କମିଟି ଆନୁକୁଲ୍ୟରେ ଗୁରବାର ଅଷ୍ଟଦଣ୍ଡ ମିଳନ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ପଞ୍ଚଦଣ୍ଡ କମିଟିର ୨୭ ବର୍ଷ ପୂର୍ତ୍ତି ଅବସରରେ ଅଷ୍ଟଦଣ୍ଡ ମିଳନ ଅନୁଷ୍ଠିତ ହୋଇଥିଲା। ସକାଳ ୮ଟା ବେଳେ ପରିଚାଳନା କମିଟି ଏବଂ ତହସିଲଦାର ବରିୟାଲ ମୁର୍ମୁ, ବ୍ଲକ୍ ଅଧକ୍ଷା ରୀନା ପ୍ରଧାନ, ଏବିଡ଼ିଓ ଦିବ୍ୟସିଂହ କହଁର, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ଜିଲ୍ଲା ପରିଷଦ ସଭ୍ୟ ସତ୍ୟବାନ୍ ପାତ୍ରଙ୍କ ଉପସ୍ଥିତରେ ଆଠ ଦଣ୍ଡ ଦଳ ରାଇକିଆ, ମାଲେରିମହା, ତେଜାମାହା, କରଣ୍ଡାଗଡ, ସିର୍କାକୁଟି, ବୁର୍ବିନାଜୁ, ବାଗାରାମା, ସଲାଗୁଡା ନାମ ଘୋଷଣା କରାଯିବା ସହ ଲଟେରୀ ମାଧ୍ୟମରେ ନୃତ୍ୟ ପରିବେଷଣ ପାଇଁ ସ୍ଥାନ ନିରୂପଣ କରାଯାଇଥିଲା। ପରେ ଦଣ୍ଡବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ପ୍ରଥମେ ସମସ୍ତ ଦଣ୍ଡନୃତ୍ୟ ଦଳଙ୍କୁ ବରଣ କରାଯାଇଥିଲା। ଅପରାହ୍ନରେ ଧୂଳିଦଣ୍ଡ, ପାଣିଦଣ୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଦୁର୍ଗାମଣ୍ଡପ ସମ୍ମୁଖରେ ଅଷ୍ଟଦଣ୍ଡ ମହାମିଳନ ହୋଇଥିଲା। ଦଣ୍ଡୁଆ ବଜାର ପରିକ୍ରମା କରି ନିଜ ଆଶ୍ରୟ ସ୍ଥଳକୁ ଫେରିଥିଲେ। ଜନସମାଗମକୁ ଦୃଷ୍ଟିରେ ରଖି ପୁଲିସ ତରଫରୁ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ସହ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା। ସଭାପତି ସନ୍ତୋଷ ଲେଙ୍କା, ସମ୍ପାଦକ ଭଗବାନ ପାତ୍ର, କୋଷାଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡା, ଉପସଭାପତି ମୋଚିରାମ ଜେନା, ସନ୍ତୋଷ କୁମାର ପଣ୍ଡା, ଶ୍ରୀନିବାସ ଆଚାରୀ, ଅରବିନ୍ଦ ଲେଙ୍କା, ବିଷ୍ଣୁ ପାଣିଗ୍ରାହୀ, ପ୍ରଶାନ୍ତ ପାତ୍ର, ସହ ସଂପାଦକ କୃଷ୍ଣ ଚନ୍ଦ୍ର ମହାନ୍ତି, ରାଜମୋହନ ଦିଗାଲଙ୍କ ସମେତ ଉପଦେଷ୍ଟା ଦୁର୍ଯ୍ୟୋଧନ ଲେଙ୍କା, ସୁଶିଲ ତ୍ରିପାଠୀ, ଅଭିମନ୍ୟୁ ନାୟକ, ନାରାୟଣ ପାତ୍ର, ମନୋଜ ପ୍ରଧାନ ଏବଂ କମିଟି ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଭଗବାନ ପାତ୍ର, ଗଦାଧର ମହାରଣା ଓ କୃଷ୍ଣଚନ୍ଦ୍ର ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।

## ଶୋଷିଲା ପଥିକ, ଅଚଳ ମେସିନ, ପ୍ରଶାସନ ନିରବଦ୍ରଷ୍ଟା

ଟିକାବାଲି, ୯।୪(ସମିସ): ଟିକାବାଲି ବ୍ଲକର ପ୍ରାଣକେନ୍ଦ୍ର କୁହାଯାଉଥିବା ମୁଖ୍ୟ ବଜାର ତଥା ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ ପାନୀୟ ଜଳ ସଂକଟ ତୀବ୍ର ହେବାରେ ଲାଗିଛି। ସାଧାରଣ ଲୋକଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ଥାପିତ ହୋଇଥିବା ଥଣ୍ଡା ପାନୀୟ ଜଳ ମେସିନ ବର୍ଷେ ହେବ ଅଚଳ ହୋଇପଡ଼ିଛି। ଏଥିଯୋଗୁଁ ପ୍ରଚଣ୍ଡ ରୌଦ୍ରତାପରେ ବାହାରୁ ଆସୁଥିବା ପଥିକ ଓ ସ୍ଥାନୀୟ ବ୍ୟବସାୟୀ ଶୋଷରେ ଆଉଟୁପାଉଟୁ ହେଉଛନ୍ତି। ଗତବର୍ଷ ଏହାକୁ ମରାମତି କାରାଯାଇ ଥିବା ସରପଞ୍ଚ କୁନ୍ଦରୁ ମଳିକ କହିଛନ୍ତି। କିନ୍ତୁ ମରାମତି ହେବାର ୫/୬ ମାସ ପରେ ପୁଣି ଅଚଳ ହୋଇଯାଇଛି। ବଜାରର



ସବୁଠାରୁ ଜନଗହଳିପୂର୍ଣ୍ଣ ସ୍ଥାନରେ ଏହି ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଖରାପ ହୋଇଯାଇଛି। ମେସିନ ଥିବା ଗୃହ ଏବେ କେବଳ ପୋଷ୍ଟର ମାରିବାରେ ବ୍ୟବହାର ହେଉଛି ଏବଂ ସେଥିରେ ତାଲା ପଡ଼ିଛି। ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ବଜାର ରାସ୍ତାଘାଟରେ ଯାତାୟାତ କରୁଥିବା ଲୋକେ ଟୋପେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ବସଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀ ବାଧ୍ୟ ହୋଇ ଚଢ଼ା ଦରରେ ପାଣି ବୋତଲ କିଣି ପିଉଛନ୍ତି। ସରକାରୀ ଅର୍ଥରେ ନିର୍ମିତ ଏହି ବ୍ୟବସ୍ଥା ଥାଇ ମଧ୍ୟ କାର୍ଯ୍ୟକ୍ଷମ ନହେବା ସ୍ଥାନୀୟ ପ୍ରଶାସନର ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପାନୀୟ ଜଳ ପ୍ରକଳ୍ପକୁ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଓ ପଥିକ ଦାବି କରିଛନ୍ତି। ଯଦି ସ୍ଥାନୀୟ ସରପଞ୍ଚ ଏବଂ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣରେ ନିବେଦନ କରାଯାଇଛି।

### ଫିରିଙ୍ଗିଆ ବ୍ଲକରେ ଛାତ୍ରବୃତ୍ତି କାହା ସ୍ୱାର୍ଥରେ

# ବିଭାଗୀୟ ଅବହେଳାରୁ ବର୍ଷ ବର୍ଷ ଧରି ମିଳୁନି ଟଙ୍କା

ଫିରିଙ୍ଗିଆ, ୯।୪(ସମିସ)

ସରକାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରି ଶିକ୍ଷାରେ ସହଯୋଗ କରିବାକୁ କୋଟି କୋଟି ଟଙ୍କା ପ୍ରଦାନ କରୁଛନ୍ତି। କିନ୍ତୁ ଶିକ୍ଷା ବିଭାଗର ଅବହେଳା ହେଉ କି ଜାଣିଶୁଣି ତଞ୍ଚକତା କରି ଟଙ୍କା ହଡ଼ପ କରିବା ଉଦ୍ଦେଶ୍ୟରେ ହେଉ ବହୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ବର୍ଷ ବର୍ଷ ଧରି ଛାତ୍ରବୃତ୍ତିରୁ ବଞ୍ଚିତ ରଖାଯାଉଥିବା ଅଭିଯୋଗ ହେଉଛି। ଏହି ଘଟଣା ସାମନାକୁ ଆସିବା ପରେ ଅଞ୍ଚଳରେ ଏବଂ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ପ୍ରକାରେ, ଫିରିଙ୍ଗିଆ ବ୍ଲକରେ ପ୍ରତିବର୍ଷ ଛାତ୍ରବୃତ୍ତି ପାଇଁ ପରୀକ୍ଷା କରାଯିବା ସହ ତୃତୀୟ ଶ୍ରେଣୀରେ ୧୮ ଜଣ ଓ ପଞ୍ଚମ ଶ୍ରେଣୀରେ ୧୮ ଜଣ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ତୃତୀୟ ଶ୍ରେଣୀ ପାଇଁ ୧୨ଶହ ଓ ପଞ୍ଚମ ଶ୍ରେଣୀ ପାଇଁ ୨୪ଶହ ଟଙ୍କା ଯୋଗାଇ ଦେବା ବ୍ୟବସ୍ଥା ରହିଛି। ଶିକ୍ଷାବୃତ୍ତି ପାଇଁ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କୁ ଥରେ ଦୁଇଥର ଶିକ୍ଷାବୃତ୍ତି ଟଙ୍କା ମଧ୍ୟ ମିଳିଛି। ହେଲେ ଗତ ୮ ବର୍ଷରୁ ଅଧିକ ହେବ ଛାତ୍ରବୃତ୍ତି ପାଇବାରୁ ଛାତ୍ରଛାତ୍ରୀ ବଞ୍ଚିତ ରହିଥିବା ବେଳେ




କିଛି ଛାତ୍ରଛାତ୍ରୀ ଏହି ବୃତ୍ତି ଟଙ୍କା ପାଉଥିବା ଜଣାପଡିଛି। ଏହି ଘଟଣାକୁ ନେଇ ଅଭିଭାବକ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଭେଟି ଅଭିଯୋଗ କରିଥିଲେ। କିନ୍ତୁ ବିଭିନ୍ନ ଆଳ ଦେଖାଇ ଟଙ୍କା ପଠାଯିବ ବୋଲି ପ୍ରତିଶ୍ରୁତି କେବଳ ମିଳିଛି କିନ୍ତୁ କେବେ ବୃତ୍ତି ଅର୍ଥ ମିଳିନାହିଁ। ଅଧିକାଂଶ ଛାତ୍ରଛାତ୍ରୀ ବୃତ୍ତି ଟଙ୍କା ନ ମିଳିଲେ ମଧ୍ୟ ମୁହଁ ଖୋଲୁନଥିବାରୁ ସେହି ଟଙ୍କା କୁଆଡେ ଯାଉଛି ନା ଫେରି ଯାଉଛି ତାହା ମଧ୍ୟ ତଦନ୍ତ ସାପେକ୍ଷ। ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଫିରିଙ୍ଗିଆ ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଗତ ୨୦୧୮ ମସିହାରୁ ବର୍ତ୍ତମାନ ସୁଦ୍ଧା କେତେ ଛାତ୍ରବୃତ୍ତି ପାଇଛନ୍ତି ଓ କେତେଜଣ ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ଟଙ୍କା ମିଳିଛି ତାହା ତଦନ୍ତ କରାଯିବାକୁ ବରିଷ୍ଠ ଶିକ୍ଷାବିତ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ସମସ୍ତଙ୍କ ବୃତ୍ତି ଟଙ୍କା କାର୍ଯ୍ୟାଳୟରେ ଅଛି। ସେମାନେ କାଗଜପତ୍ର ଦେଲେ ପାଇବେ ବୋଲି କହି ସଫେଇ ଦେବା କେତେ ଯୁକ୍ତିସଙ୍ଗତ ତାହା ମଧ୍ୟ ତଦନ୍ତ ସାପେକ୍ଷ। ଦୀର୍ଘ ୮ରୁ ୧୦ ବର୍ଷରୁ ଅଧିକ ବିତିଥିଲେ ମଧ୍ୟ ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଅର୍ଥ ପ୍ରଦାନ ନ କରିବା ଓ ବିଭାଗୀୟ ଆକାଉଣ୍ଟରେ ଗଚ୍ଛିତ ରଖିବା ଓ ଜାଣିଶୁଣି ଚୁପ ରହିବା ଘଟଣାରେ ଅଭିଭାବକ ମହଲ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବରୁ ଥିବା ବଡ଼ବାବୁ କୁଆଡେ ଠିକ ଭାବରେ କାଗଜପତ୍ର କରିନାହାନ୍ତି। ଯାହାକୁ ନେଇ ଏଭଳି ଅସୁବିଧା ହେଉଛି। ବିଭାଗୀୟ ଅଧିକାରୀ ହେଉ କି କର୍ମଚାରୀଙ୍କ ଅବହେଳାରୁ ଛାତ୍ରବୃତ୍ତି ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ତୁରନ୍ତ ଏହି ବୃତ୍ତି ଟଙ୍କା ପ୍ରଦାନ କରିବା ସହ କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

## ଗଣିତ ଓ ବିଜ୍ଞାନ ସର୍କଲ ପ୍ରକଳ୍ପ ପ୍ରଦର୍ଶନୀ



ରାଇକିଆ, ୯।୪(ସମିସ): ରାଇକିଆ ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଗଣିତ ଓ ବିଜ୍ଞାନ ସର୍କଲ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲ।। ଛାତ୍ରୀଙ୍କ ମଧ୍ୟରେ ଗଣିତ ଓ ବିଜ୍ଞାନ ଦକ୍ଷତା ପ୍ରଦର୍ଶନ ପାଇଁ ସୁଯୋଗ ସୃଷ୍ଟି କରିବାକୁ କାର୍ଯ୍ୟକ୍ରମରେ ଉଭୟ ବିଭାଗରେ ୧୪ ଜଣ ଲେଖାଏଁ ଛାତ୍ରୀ ଭାଗ ନେଇଥିଲେ। ଅତିଥି ଭାବେ ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ କେଶବ ମଲ୍ଲିକ ଏବଂ ସମ୍ମାନୀତ ଅତିଥି ଭାବେ ଜିପିଓ ମହେଶ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୩ ଜଣ ବିଚାରକମଣ୍ଡଳୀ ଶ୍ରେଷ୍ଠ ପ୍ରକଳ୍ପ ଉପସ୍ଥାପନ କରିଥିବା ଉଭୟ ବିଭାଗରୁ ୬ ଜଣଙ୍କୁ ମନୋନୀତ କରିଥିଲେ। ପ୍ରଧାନଶିକ୍ଷକ ସରୋଜ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ପରିଚାଳନା କରିଥିଲେ।

## ବ୍ରାହ୍ମଣୀଗାଁରେ ହିଂସ୍ରଜନ୍ତୁ ଆତଙ୍କ

ବ୍ରାହ୍ମଣୀଗାଁ, ୯।୪(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ମୁଖ୍ୟରାସ୍ତା କଡ଼ରେ ଥିବା ପୋଡ଼ାଶଙ୍ଖରେ ଗତ ରାତିରେ ହିଂସ୍ରଜନ୍ତୁ ଆତଙ୍କ ଖେଳାଇଛି। ଆଇବ ମାଝୀ ଓ ଗାନ୍ଦାରା କାର୍ଜିମାଝିଙ୍କ ୨ ବାଛୁରୀଙ୍କୁ ଏହି ଅଜଣା ହିଂସ୍ରଜନ୍ତୁ ଆକ୍ରମଣ କରିଥିଲା। ଏଥିରେ ଗୋଟିଏ ବାଛୁରୀ ମୃତ ଓ ଅନ୍ୟଟି ଆହତ ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ବିଳମ୍ବିତ ରାତିରେ ବନ୍ୟଜନ୍ତୁର ଭୟଙ୍କର ଗର୍ଜନ ଶବ୍ଦ ସେହି ଅଞ୍ଚଳରେ ଶୁଣାଯାଇଥିଲା। ଜନବସତି ରହିଥିଲେ ସୁଦ୍ଧା ଆଲୋକ ବ୍ୟବସ୍ଥା ନଥିବାରୁ ବନ୍ୟଜନ୍ତୁ ଜନବସତିକୁ ପଶି ଆସୁଥିବା ଜନସାଧାରଣରେ ଅଭିଯୋଗ ହେଉଛି। ସ୍ଥାନୀୟ ବନପାଳ ହରିହର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ଯୋଗେଶ୍ୱର ଧାରୁଆ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।



## ୫୧୦ କେଜି ଗଞ୍ଜେଇ ଜବତ




ପାରଳାଖେମୁଣ୍ଡି, ୯।୪(ସମିସ): ପାହାଡ଼ିଆ ଅଞ୍ଚଳରେ ଅଜଣା ଗଞ୍ଜେଇ ମାଫିଆ ଲୁଚାଇ ରଖିଥିବା ବିପୁଳ ପରିମାଣର ଗଞ୍ଜେଇକୁ ଜବତ କରିଛି ଆର୍.ଉଦୟଗିରି ପୁଲିସ୍। ଆଜି ପ୍ରତ୍ୟୁଷରେ ଆର୍.ଉଦୟଗିରି ପୁଲିସ ଗୁଇବାଡି ଗ୍ରାମାଞ୍ଚଳରେ ଥିବା ଜଙ୍ଗଲ ପାହାଡିଆ ଅଞ୍ଚଳରେ ଗଞ୍ଜେଇ ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ଖବର ପାଇଥିଲା। ଆର୍.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ୍ ଟିମ୍ ଚଢଉ କରି ୧୭ ଜରି ବ୍ୟାଗରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଓଜନ କରିବା ପରେ ୫୧୦ କେଜି ଥିବା ପୁଲିସ ଜାଣିବାକୁ ପାଇଥଲା। ଏନେଇ ଆର୍.ଉଦୟଗିରି ଥାନାରେ ଏକ ଏନଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସାହୁ କହିଛନ୍ତି।

## ଓଡ଼ିଶା ପକ୍ଷରେ 'ଆସ ବହିଟିଏ କିଣିବା'



ପାରଳାଖେମୁଣ୍ଡି, ୯।୪(ସମିସ): ଓଡ଼ିଶା ପକ୍ଷ ପାଳନ ଉପଲକ୍ଷେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା ଓ ଫାଲଗୁନୀ ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋରମା ଦେବୀ ଓ ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲାର ସମସ୍ତ ବ୍ଲକ କାର୍ଯ୍ୟଳୟରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଜିଲ୍ଲା ପ୍ରଶାସନର ଚଢ଼ଉ

## ୬୦ ଗ୍ୟାସ୍ ସିଲିଣ୍ଡର୍ ଜବତ



ମୋହନା, ୯।୪(ସମିସ): ସାରା ଦେଶରେ ରନ୍ଧନ ଗ୍ୟାସ୍‌ର ଅଭାବ ଦେଖାଯାଉଥିବା ବେଳେ ଗଜପତି ଜିଲ୍ଲାରେ ମଧ୍ୟ ଏହି ସମସ୍ୟା ରହିଛି। କିନ୍ତୁ ବେଧଡ଼କ ଭାବେ ଚାଲିଛି ଗ୍ୟାସ୍ କଳାବଜାରୀ। ଗୁରୁବାର ଉପଜିଲ୍ଲାପାଳ ମୋହନା ଅଞ୍ଚଳରେ ଅଚାନକ ଚଢ଼ଉ କରି ବେଆଇନ ଭାବେ ଚାଲାଣ ଏବଂ ବ୍ୟବହାର ହେଉଥିବା ୬୦ ଗ୍ୟାସ୍ ସିଲିଣ୍ଡର୍ ଜବତ କରିଛନ୍ତି। ଗଞ୍ଜାମ ଜିଲ୍ଲା ବଡ଼ଗଡ଼ର ସରୋଜିନୀ ଗ୍ୟାସ୍ ବିତରକ ସଂସ୍ଥାରୁ ପିକ୍‌ଅପ୍ ଭ୍ୟାନ୍ ଯୋଗେ ଚାଲାଣ ହେଉଥିବା ୫୧ ଗ୍ୟାସ୍ ସିଲିଣ୍ଡରକୁ ମୋହନା ହାଇସ୍କୁଲ୍ ଛକଠାରୁ ଜବତ କରାଯାଇଥିବା ବେଳେ ଚନ୍ଦ୍ରଗିରି ସ୍ଥିତ ଏକ ହୋଟେଲରୁ ୯ ସିଲିଣ୍ଡର୍ ଜବତ କରାଯାଇଛି। ସମସ୍ତ ଜବତ ସାମଗ୍ରୀର କୌଣସି ନଥିପତ୍ର ନଥିବା ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ବିଶେଷ ସୂତ୍ରରୁ ସୂଚନା ପାଇ ଏହି ଚଢଉ କରାଯାଇଥିବା ଜଣାପଡ଼ିଛି। ଚଢ଼ଉରେ ମୋହନା ଯୋଗାଣ ଅଧିକାରୀଙ୍କ ସମେତ ପୁଲିସ ଟିମ୍ ସାମିଲ୍ ହୋଇଥିଲେ। ଆଗାମୀ ଦିନରେ ଏହି ଯାଞ୍ଚ ଏବଂ ଚଢ଼ଉକୁ ଜିଲ୍ଲାରେ ବ୍ୟାପକ କରାଯିବ ବୋଲି ଉପଜଲ୍ଲାପାଳ ସୂଚନା ଦେଇଛନ୍ତି।

### ଶୁଣିଲାନି ପ୍ରଶାସନ

## ନିଜସ୍ୱ ଉଦ୍ୟମରେ ଗ୍ରାମବାସୀ କଲେ ରାସ୍ତା ମରାମତି

ଗୁମ୍ମା, ୯।୪(ସମିସ)

ସରକାର ଦୁର୍ଗମ ଅଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ତୃଣମୂଳସ୍ତରରେ ଏହାର ବାସ୍ତବତା କିନ୍ତୁ ଭିନ୍ନ କଥା କହୁଛି। ଗୁମ୍ମା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ବ୍ଲକର ଝାମୀ ପଞ୍ଚାୟତ କତାପେଟା ଗ୍ରାମକୁ ପକ୍କାରାସ୍ତା ନଥିବା ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘବର୍ଷ ଧରି ଗ୍ରାମକୁ ଯୋଗାଯୋଗ କରୁଥିବା ରାସ୍ତା ଖରାପ ଥିବା ସତ୍ତ୍ୱେ ଅନେକ ଥର ପ୍ରଶାସନଙ୍କୁ ଗୁହାରି କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ନିରାଶ ହେବା ପରେ ଗ୍ରାମବାସୀ ଏକତ୍ର ହୋଇ ନିଜସ୍ୱ ଖର୍ଚ୍ଚରେ ରାସ୍ତା ମରାମତି କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ବର୍ଷା ଋତୁରେ ଏହି ରାସ୍ତାଦେଇ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। କାହାର ଦେହ ଖରାପ ହେଲେ ଗାଁକୁ ଆମ୍ବୁଲାନ୍ସ ଆସିପାରୁ ନାହିଁ କି, ଫସଲ ଅମଳ ପରେ ବିକ୍ରି କରିବା ସମ୍ଭବ ହୋଇପାରୁନାହିଁ। ରାସ୍ତା ଯୋଗୁଁ ରୋଗୀ ଓ ଶିଶୁ ଯିବା ଆସିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ବାଧ୍ୟ ହୋଇ ନିଜ ଉଦ୍ୟମରେ



ମାଟି ପକାଇ ରାସ୍ତା ମରାମତି କରୁଛନ୍ତି ଗାଁ ଲୋକେ। ହେଲେ ତୁରନ୍ତ ପକ୍କାରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି ୱାର୍ଡସଭ୍ୟ ଈଶ୍ୱପରି ଶବର, ମାନଙ୍କା ଶବର, ମଜେସ ଶବର, ଗୌରୀଶୁ ଶବର, ସାମୁଏଲ ଶବର, ମଙ୍ଗଡ଼ା ଶବର ଓ ଜାମା ଶବର। ଏନେଇ ବିଭାଗକୁ ଅବଗତ କରାଯାଇଛି ଅନୁଦାନ ଆସିଲା ପରେ ଉକ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଡ଼ିଓ ଦୁଲାରାମ ମାରାଣ୍ଡି କହିଛନ୍ତି।

### ଶେଷ ପର୍ଯ୍ୟାୟରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ

## କେବେ ଆରମ୍ଭ ହେବ ବାଇପାସ ରାସ୍ତା?

ଜି.ଉଦୟଗିରି, ୯।୪(ସମିସ):

ଜି.ଉଦୟଗିରି ସହରରେ ବସଷ୍ଟାଣ୍ଡ ନ ଥିବା କାରଣରୁ ଲୋକେ ନାହିଁନଥିବା ହଇରାଣ ହେଉଥିବା ବେଳେ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ଅଞ୍ଚଳବାସୀଙ୍କ ବହୁବାର ଦାବି ପରେ ୨୦୨୪ ମାର୍ଚ୍ଚ ମାସରେ ତତକାଳୀନ ରାଜ୍ୟ ସରକାର ଶ୍ରୀରାମପଦାରେ ଆମ ବସ ଷ୍ଟାଣ୍ଡ ଯୋଜନାରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଘୋଷଣା କରିଥିଲେ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ପରିବହନ ବିଭାଗ ଅଧୀନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୯ କୋଟି ୯୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପରିଷଦ ଅନ୍ତର୍ଗତ ଶ୍ରୀରାମପଦାରେ ତିନି ଏକର ଜମିରେ ସମସ୍ତ ସୁବିଧା ଥାଇ ଏକ ଆଧୁନିକ ଶୈଳୀରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତ କରାଯାଇଥିଲା। ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୁଲିସ ହାଉସିଂ କର୍ପୋରେସନକୁ ଦାୟିତ୍ୱ ଦେଇ ଅର୍ଥ ମଂଜୁର ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୩ ଏକର ପରିବର୍ତ୍ତେ ପ୍ରଥମେ କମ ଜାଗା ପ୍ରଦାନ କରିବା ଫଳରେ ପୂର୍ଣ୍ଣାଙ୍ଗ ବସଷ୍ଟାଣ୍ଡ ନିର୍ମାଣରେ ବିଳମ୍ବ ହୋଇଥିଲା। ଏବେ ଆବଶ୍ୟକ ସବୁ ଜମି ମିଳିଛି ଏବଂ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି। କିନ୍ତୁ ବଜାରର ଟ୍ରାଫିକ ସମସ୍ୟା ଦୂର କରିବା ଉଦ୍ଦେଶ୍ୟରେ ପଦାସାହିଠାରୁ ବାଇପାସ ରାସ୍ତା ପରିକଳ୍ପନା କରାଯାଇ ବହୁଥର ସର୍ଭେ ହୋଇଥିଲେ ମଧ୍ୟ ଆଗକୁ ବଢ଼ି ପାରିନି ନିର୍ମାଣ କାର୍ଯ୍ୟ। କେବେ ହେବ ତାହାକୁ ଲୋକେ ଅପେକ୍ଷା କରିଥିବା ବେଳେ ଟ୍ରାଫିକ ସମସ୍ୟା ଦୂର ହୋଇ ପାରିବ ବୋଲି ଆଶା କରିଥିଲେ। ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି।



